## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ମାର୍ଶାଘାଇ,୨୦।୫(ଡି.ଏନ.ଏ.):** ମାର୍ଶାଘାଇ ଥାନା ଅନ୍ତର୍ଗତ କୁଆଁରପାଳ ଗ୍ରାମର ପ୍ରହ୍ଲାଦ ବେହେରାଙ୍କ ଘରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳ ଛପର ଘର ସମ୍ପୂର୍ଣ୍ଣ ଜଳିଯାଇଛି । ରୋଷେଇ ଘର ଚୁଲିରୁ ନିଆଁ ଉଠି ଚାଳରେ ଲାଗିଥିଲା। ପବନରେ ତାହା ବ୍ୟାପୀ ଯାଇଥିଲା । ମାର୍ଶାଘାଇ ଅଗ୍ନିଶମ ବାହିନୀ ଦମକମଳ ସହ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା । ଘରେ ଥିବା ସମସ୍ତ ଆସବାବପତ୍ର, ଚାଉଳ, ଡାଲି ଲୁଗାପଟା ଆଦି ଜଳି ଛାରଖାର ହୋଇଯାଇଛି । ଖବର ପାଇ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶୈଳେନ୍ଦ୍ର ସାମଲ, ସମିତି ସଭ୍ୟ ଶରତ ପ୍ରଧାନ ଅଗ୍ନିପିଡ଼ିତଙ୍କୁ ସହାୟତା ପ୍ରଦାନ କରିଛନ୍ତି ।

# ନିର୍ମାଣକୁ ୨ ବର୍ଷ ପୂରିନାହିଁ, ରାସ୍ତା ସାରା ଗର୍ତ୍ତ

**ଡେରାବିଶ, ୨୦।୫ (ସ୍ୱ.ପ୍ର.)**

### ନୀଳକଣ୍ଠପୁର-ଗୋଲରାହାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରଠାରୁ ଗୋଲରାହାଟ ପର୍ଯ୍ୟନ୍ତ ପଡ଼ିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ରହିଛି। ଏହି ରାସ୍ତା ଡେରାବିଶ ବ୍ଲକ ଅଞ୍ଚଳକୁ ମୁଖ୍ୟ ରାସ୍ତା ହୋଇଥିଲେ ମଧ୍ୟ ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉନାହିଁ। ୨୦୨୧–୨୨ରେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ଉକ୍ତ ରାସ୍ତା ନିର୍ମାଣର ୨ବର୍ଷ ନ ପୂରୁଣୁ ଗୋଡ଼ି ଉଠି ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିପାଇଁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଲୋକେ ଯିବା ଆସିବାକୁ ଭୟ କରୁଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ କେତେ ବ୍ୟୟ ଅଟକଳ କରାଯାଇଥିଲା, ରାସ୍ତା କାମ ଆରମ୍ଭ ଓ ଶେଷର ଅବଧି ସମ୍ପର୍କରେ କୌଣସି ସୂଚନା ଫଳକ ମରାଯାଇନାହିଁ। ଫଳରେ ରାସ୍ତା ନିର୍ମାଣ ପାଇଁ ଆସିଥିବା ଅର୍ଥକୁ ଯନ୍ତ୍ରୀ ଓ ଠିକାଦାର ମିଶି ସିଂହଭାଗ ଲୁଟିଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ ଦାବି କରିଛନ୍ତି । ସାମଲଙ୍କ ସୂଚନା ଅନୁଯାୟୀ, ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ଠିକା ସଂସ୍ଥା ସହ ୫ ବର୍ଷ ଚୁକ୍ତିନାମା ହୋଇଥିଲା। ମାତ୍ର ୨ ବର୍ଷ ମଧ୍ୟରେ ଉକ୍ତ ରାସ୍ତା ମରଣଯନ୍ତା ପାଲଟିଛି।

ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ଯାଏ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସାମଲ କହିଛନ୍ତି। ତେବେ ଠିକା ସଂସ୍ଥା ବିଭାଗୀୟ ଚୁକ୍ତିନାମାକୁ ଉଲ୍ଲଂଘନ କରୁଛନ୍ତି। ରାସ୍ତା କାମରେ ସୂଚନା ଫଳକ ଲଗା ନ ଯିବା ଦୁର୍ନୀତିକୁ ସାମ୍ନାକୁ ଆଣୁଛି ବୋଲି କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର କହିଛନ୍ତି। ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରାଯିବା ସହ ରାସ୍ତାର ମରାମତି ପାଇଁ ମିଶ୍ର ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ରାସ୍ତା ଅବସ୍ଥା ସମ୍ପର୍କରେ ଅନୁଧ୍ୟାନ କରାଯିବ। ଏହାପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।




ପିଚୁ ଉଠିଯାଇଥିବା ରାସ୍ତା ।

# ମଧ୍ୟମାରେ ବ୍ଲକ ଟପ୍ପର ହେଲେ ଇତିଶ୍ରୀ



ଇତିଶ୍ରୀ ରାଉତ।



ରୋଜି ପ୍ରଧାନ।

**ରାଜନଗର,୨୦।୫(ଡି.ଏନ.ଏ.)**

ଚଳିତବର୍ଷ ମଧ୍ୟମା ସଂସ୍କୃତରେ ରାଜନଗର ବ୍ଲକ ଟପ୍ପର ହୋଇଛନ୍ତି ଛାତ୍ରୀ ଇତିଶ୍ରୀ ରାଉତ। ମୋଟ୍ ୭ଶହ ନମ୍ବରରୁ ଇତିଶ୍ରୀ ୫୯୪ ନମ୍ବର ରଖିଛନ୍ତି। ଚଳିତବର୍ଷ ରାଜନଗର ବ୍ଲକରେ ୪ ସଂସ୍କୃତ ବିଦ୍ୟାପୀଠର ୧୧୭ଜଣ ଛାତ୍ରୀଛାତ୍ର ମାଟ୍ରିକ (ମଧ୍ୟମା) ପରୀକ୍ଷା ଦେଇଥିଲେ। ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ଛାତ୍ରୀ ଇତିଶ୍ରୀ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି । ସେହିପରି ଏହି ବିଦ୍ୟାପୀଠର ଛାତ୍ରୀ ରୋଜି ପ୍ରଧାନ ୫୯୩ ନମ୍ବର ରଖି ୨ୟ ଓ ପୂଜା ରାଉତ ୫୭୩ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ମାଧ୍ୟମିକ ଶିକ୍ଷା ଓଡ଼ିଶା ପକ୍ଷରୁ ମଧ୍ୟମା ପରୀକ୍ଷା କରାଯାଇଥିଲା। ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ପଣ୍ଡିତ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ସର୍ବୋଚ୍ଚ ନମ୍ବର ରଖିଥିବା ୩ କୃତି ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମଣିଷ ବଦଳରେ ମେଶିନ ଦ୍ୱାରା କାମ

- ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ବାଟବଣା ହେଉଛି
- ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି

**ମହାକାଳପଡ଼ା,୨୦।୫(ଡି.ଏନ.ଏ.):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହାତପାଆନ୍ତାରେ ଗାଁରେ ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇଦେବା ମୂଳ ଲକ୍ଷ୍ୟ ରଖିଥିବା ବେଳେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ବିଜୟନଗର ପଞ୍ଚାୟତରେ। ଏହି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପୋଖରୀ ଖନନ, ମାଟି ରାସ୍ତା ନିର୍ମାଣ ଆଦି କାର୍ଯ୍ୟ ଶ୍ରମିକମାନଙ୍କ ପରିବର୍ତ୍ତେ ଜେସିବି ମେଶିନ ଦ୍ୱାରା ହେଉଛି। ଏଭଳି ଏକ ଅଭିଯୋଗ ରାଜ୍ୟପାଳ, ୫-ଟି ସଚିବ, ପଞ୍ଚାୟତିରାଜ ସଚିବ, ଜିଲାପାଳଙ୍କ ସମେତ ମହାକାଳପଡ଼ା ବିଡିଓଙ୍କୁ କେତେଜଣ ଶ୍ରମିକ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ନିର୍ମାଣ ହେଉଥିବା କାର୍ଯ୍ୟସ୍ଥଳରେ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା କରା ଯାଉନାହିଁ। ବିଳମ୍ବିତ ରାତିରେ ମେଶିନ ଲଗାଇ ନିର୍ମାଣ କାମ ହେଉଥିବା ଅଭିଯୋଗ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାରଙ୍କ ସଲାସୁତୁରାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ଦେବାଶିଷ ରାଉତଙ୍କୁ ପଚାରିବାରେ ଶ୍ରମିକମାନଙ୍କ ଅଭିଯୋଗ ମିଳିଛି, ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗୁଜବକୁ ବିଶ୍ୱାସ ନ କରିବାକୁ ଶାନ୍ତି କମିଟିର ପରାମର୍ଶ



ଶାନ୍ତି କମିଟି ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ ।

**ରାଜକନିକା,୨୦।୫ (ଡି.ଏନ.ଏ.)**

### ମଲିସାହାଡ଼ା ଯୁବକଙ୍କୁ ଆକ୍ରମଣ ଘଟଣା

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଆଖୁଳିପଡା ପଞ୍ଚାୟତ ମଲିସାହାଡା ଗ୍ରାମର ସେକ୍ ଲୋକମାନଙ୍କୁ ଆକ୍ରମଣ ଘଟଣା ଏବେ ନୂଆ ମୋଡ଼ ନେଇଛି । ଆଖୁଳିପଡା ସମେତ ଆଖପାଖର ୧୦ ଗ୍ରାମବାସୀ ଏକତ୍ରିତ ହୋଇ ମାମଲା ସମ୍ପର୍କରେ ଆଲୋଚନା କରିବା ସହିତ ଅଭିଯୋଗରେ ଦର୍ଶାଯାଇଥିବା କାରଣ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି । ଏହି ବିବାଦର ସମାଧାନ ପାଇଁ ଗଢ଼ା ଦେଇଥିବା ଶାନ୍ତି କମିଟି ଏପରି ଗୁଜବକୁ ବିଶ୍ୱାସ ନ କରିବାକୁ ସ୍ଥାନୀୟ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସୂଚନା ଅନୁଯାୟୀ, ମଲିସାହାଡାର ଲୋକମାନଙ୍କ ସ୍ତ୍ରୀ ଅଫସାନା ବିବି ଗତ ୧୪ ତାରିଖରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ୧୧ ଜଣ ବ୍ୟକ୍ତି ଏକ ଗାଈ କାଟିବାକୁ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ହେଲେ ସ୍ୱାମୀ ଲୋକମାନ ଏହାକୁ ମନା କରିଥିଲେ। ଫଳରେ ସେହି ଲୋକମାନେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହିତ ମୋତେ ଅସଦାଚରଣ କରିଥିଲେ । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୩୦୦/୨୩) ରୁଜୁ କରିଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ୨ ଗୋଷ୍ଠୀ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଶାନ୍ତି କମିଟି ଗଠନ କରାଯାଇ ମଲିସାହାଡ଼ାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ଥାନୀୟ ଅଞ୍ଚଳର ଭାଇଚାରା ସମ୍ପର୍କରେ ଆଲୋଚନା ହୋଇଥିଲା । କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ମଲିସାହାଡାର ଲୋକମାନ ଘରଜ୍ୱାଇଁ ଭାବେ ରହୁଛନ୍ତି। ସେ ଗୁଣିଗାରେଡ଼ି କରି ଲୋକଙ୍କୁ ଠକୁଥିବା ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା । ଏହାକୁ ବିରୋଧ କରିବାରୁ ଅଫ୍‌ସାନ୍ ଥାନାରେ ଏତାଲା ଦେଇଥିବା ବୈଠକରେ ଦର୍ଶାଯାଇଥିଲା। ଅମର ବଳ, ସୁରେଶ ମିଶ୍ର, କଳ୍ପତରୁ ଦାଶ, ନୟୁମ ଖାଁ, ସରାଫତ ଅଲ୍ଲୀ, ରଜତ ମିଶ୍ର, ସମତ ଖାଁ, ଆରିଫ ଖାଁ, ଏଲିୟାଜ ଖାଁ, ସେକ୍ ରଫିକ, ଜଗତାନନ୍ଦ ବିଶ୍ୱାଳ, ଶରତ ଦାଶ, ସୁବାସ ପତି, ସତ୍ୟସୁନ୍ଦର ପତି ପ୍ରମୁଖ ଶାନ୍ତି କମିଟି ବୈଠକରେ ଭାଗ ନେଇ ଶାନ୍ତି ଓ ଭାଇଚାରା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

### ବିଲରୁ ଅଜଣା ମୃତଦେହ ଜବତ

**ଜଳେଶ୍ୱର, ୨୦।୫(ଡି.ଏନ.ଏ.)**

ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ନିମପୁର ଗାଁ ନିକଟ ୫୦୦ ମିଟର ଦୂର ବିଲ ମଝିରେ ଏକ ଅଜଣା ମୃତଦେହ ପଡିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ପ୍ରାୟ ୭ ଦିନ ପୂର୍ବରୁ ଲୋକଟି ସେଠାରେ ମୃତ୍ୟୁବରଣ କରିଥିବାରୁ ଶରୀର ଶଢ଼ିଯାଇ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି । ସେ ଏକ କମଳା ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ଲୋକଟିର ବୟସ ପାଖାପାଖି ୬୦ ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି।

### ମା’ ଗାଜିଆଣୀ ଚଣ୍ଡୀ ମନ୍ଦିରରୁ ଅଳଙ୍କାର ଚୋରି

**ଜଳେଶ୍ୱର, ୨୦।୫ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ବର୍ଦ୍ଧନା ପଞ୍ଚାୟତର ତଥା ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ଯୁକ୍ତ ୨ କଲେଜ ନିକଟରେ ଥିବା ମା’ ଗାଜିଆଣୀ ଚଣ୍ଡୀ ମନ୍ଦିରରୁ ସମସ୍ତ ଅଳଙ୍କାର ଓ ବହୁ ମୂର୍ତ୍ତୀ ଚୋରି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ପୂଜକ ପ୍ରଭାକର ପଣ୍ଡା ଓ ଦିବାକର ପଣ୍ଡା ମନ୍ଦିରରୁ ଗଲା ବେଳେ ଗ୍ରୀଲରେ ତାଲା ପକାଇଥିଲେ ମଧ୍ୟ ଶନିବାର ସକାଳେ ଗ୍ରୀଲ କଟାଯାଇଥିବା ଫୁଲ ତୋଳିବାକୁ ଆସିଥିବା ଲୋକମାନେ ଦେଖିଥିଲେ । ଚଣ୍ଡିଙ୍କ ମୂର୍ତ୍ତିରେ ଥିବା ୧୦ଟି ସୁନା ପଦକ, ୩୦ଟି ରୁପା ପଦକ, ରୁପା ପଦକ ସହ ଏକ ହାର, ୨ଟି ରୁପା ମୁକୁଟ, ରାଧାକୃଷ୍ଣ, ଗଣେଶ, ଶିବ, କାର୍ତ୍ତିକ, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଓ ଜଗନ୍ନାଥଙ୍କ ପିତ୍ତଳ ମୂର୍ତ୍ତୀ ଏବଂ ଥାଳି, ୯ଟି ପିତ୍ତଳ ବାଲ୍‌ଟି, ୨ଟି ପିତ୍ତଳ ଗାଡୁଁଲା, ୨ଟି ବଡ ଦୀପଦାନି, କଳା ଓ ଧଳା ଚାମର ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି।

# ଯାଦବ ମହାସଂଘର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ।

**କେନ୍ଦ୍ରାପଡ଼ା ଅଫିସ, ୨୦।୫**

ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତିଭିତ୍ତିକ ଜନଗଣନା ହେଉଛି । ତେବେ ଏହାର ପ୍ରଚାର ପ୍ରସାର ନ ଥିବାରୁ ତୃଣମୂଳସ୍ତରର ଲୋକେ ବଞ୍ଚିତ ହେବେ । ଏହାର ନିରାକରଣ ପାଇଁ କେନ୍ଦ୍ରାପଡ଼ା ଜିଲା ସଂଘ ପକ୍ଷରୁ ଏସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଇଚ୍ଛାପୁରସ୍ଥ ଯାତ୍ରୀ ନିବାସରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମହାସଭା ସଭାପତି ଇଂ. ପ୍ରଦୀପ କୁମାର ବେହେରା, କର୍ମକର୍ତ୍ତା ନନ୍ଦଲାଲ ଯାଦବ ଜୀ, ଜିଲା କର୍ମକର୍ତ୍ତା ବିଜୟ ପରିଡା, ମନେଜ ଦାସ ଆଲୋଚକ ଭାବେ ଯୋଗ ଦେଇଥିଲେ । ଏସମ୍ପର୍କରେ ଜିଲା କାର୍ଯ୍ୟକାରୀ ସଭାପତି ପୃଷ୍ଟି କହିଛନ୍ତି, ପଛୁଆ ବର୍ଗ ଜାତି ଗଣନା ତଥ୍ୟ ରାଜ୍ୟର ବିଭିନ୍ନ ଯୋଜନାରେ ସହାୟକ ହେବ । ତେବେ ଏହି ଜନଗଣନା ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ବହୁ ଲୋକ ଏସମ୍ପର୍କରେ ଅଜ୍ଞ ଅଛନ୍ତି । ତୃଣମୂଳସ୍ତରରେ ଏପରି କାର୍ଯ୍ୟକ୍ରମକୁ ପହଞ୍ଚାଇବା ପାଇଁ ଯାଦବ ସଂଘ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଏହି ଅବସରରେ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୮୦ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଜଳେଶ୍ୱର,୨୦।୫ (ଡି.ଏନ.ଏ.)**

ଗତ ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ଅଧୀନ ଶାସନବାର୍ଡ ଅଞ୍ଚଳରେ କେତେକ ବ୍ୟକ୍ତିଙ୍କ ମଧ୍ୟରେ ବ୍ରାଉନ୍‌ସୁଗାର ଲାଗି ଏକ ବଡ ଡିଲ ଚାଲିଥିବା ବେଳେ ଜଳେଶ୍ୱର ଆଇଆଇସି ରୋଜାଲିନ୍ ବେହେରା ସଦଳବଳେ ଚଢାଉ କରିଥିଲେ। ଚଢାଉ ବେଳେ କେତେଜଣ ବ୍ୟକ୍ତି ଖସି ପଳାଇଯାଇଥିବା ବେଳେ ଜଣେ ଯୁବକ(୪୨)ଙ୍କୁ କାବୁ କରାଯାଇଥିଲା । ତାଙ୍କ ନିକଟରୁ ୮୦ଗ୍ରାମ ବ୍ରାଉନସୁଗାର ଓ ମୋବାଇଲ ଜବତ କରାଯାଇଛି।

# ଜମ୍ବୁର ସଫଳ ଚାଷୀ ଶ୍ରୀମନ୍ତ: ବାଡ଼ିରେ ଫଳୁଛି ଅଙ୍ଗୁର

**ମହାକାଳପଡ଼ା, ୨୦।୫ (ଡି.ଏନ୍.ଏ.)**

ସାଧାରଣତଃ ଥଣ୍ଡା ଜଳବାୟୁରେ ସେଓ, ଅଙ୍ଗୁର, ନାସ୍‌ପାତି, କମଳା, ଲିଚୁ ସମେତ ବିଭିନ୍ନ ଜାତୀୟ ଫଳ ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ। ବିଶେଷକରି ଭାରତର ହିମାଳୟ ପର୍ବତମାଳାର ପାଦଦେଶ ଯଥା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ସମେତ ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ ସମେତ ବିଭିନ୍ନ ଅଞ୍ଚଳରେ ଏହି ଫଳଚାଷ କରାଯାଉଛି। ଅଦ୍ୟାବଧି ଓଡ଼ିଶାର କୋରାପୁଟ, କନ୍ଧମାଳର ଦାରିଙ୍ଗବାଡି ଆଦି ଅଞ୍ଚଳରେ ଏହି ଫଳ ଉତ୍ପାଦନ ହେଉଛି ବୋଲି କୁହାଯାଇଛି। ସେହିପରି ଏହି ଫଳ ବଙ୍ଗୋପସାଗର ତଟଦେଶ ଜମ୍ବୁ ଅଞ୍ଚଳର ଲୁଣି ବାଲି ଉପରେ ଅଙ୍ଗୁର କୋଳି ଚାରା ରୋପଣ କରାଯାଇ ଚାଷ ହେଉଥିବା ନଜରକୁ ଆସିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ଲୁଣିଆ ଅଞ୍ଚଳ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଜମ୍ବୁ ଗ୍ରାମର ଚାଷୀ ଶ୍ରୀମନ୍ତ ପାହାଡ଼ି (୪୫)ଙ୍କ ବାଡ଼ିରେ ଦେଖିବାକୁ ମିଳିଛି ଅଙ୍ଗୁରଚାଷ। ପାହାଡିଙ୍କର ଅନ୍ୟ ଏକ ପରିଚୟ ରହିଛି ସେ ଜଣେ ସଫଳ ବିଦ୍ୱାନ୍ ପଣ୍ଡିତ। ଏହି ଅଞ୍ଚଳର ପୂଜାପାର୍ବଣରେ ଚଣ୍ଡୀପାଠ କରି ବେଶ୍ ନାମ କରି ସମସ୍ତଙ୍କର ଆଦରଣୀୟ ପାଲଟିଛନ୍ତି। ପାହାଡି ଏହି ଅଙ୍ଗୁର ଲତା ଚାରା କୋଲକାତାର ଏକ ନର୍ସରୀରୁ ସ୍ୱତନ୍ତ୍ର ଭାବେ ଅତି ଯତ୍ନ ସହକାରେ ମଗାଇ ନିଜ ବାଡ଼ିରେ ଚାଷ କରିଛନ୍ତି। ଗୋବର କମ୍ପୋଷ୍ଟ ଖତସାର, ସୋରିଷ ପିଡ଼ିଆ, ଗୋମୂତ୍ରକୁ ମିଶ୍ରଣରେ ପ୍ରୟୋଗ କରି ଚାଷ କରୁଛନ୍ତି। ଏହି ଚାରା ରୋପଣ କରିବାର କିଛି ମାସ ପରେ ଫୁଲ ଫୁଟିବା ସହ ଫଳ ଧରିବା ଆରମ୍ଭ ହୋଇଛି। ଏଠାରେ ପ୍ରଶ୍ନ ଉଠେ, କେବଳ ଥଣ୍ଡା ବା ଭୂମଧ୍ୟ ସାଗରୀୟ ଜଳବାୟୁ ନୁହେଁ, ସମୁଦ୍ର ଲୁଣି ଅଞ୍ଚଳରେ ମଧ୍ୟ ଏହି ଅଙ୍ଗୁର ଚାଷ ହୋଇପାରୁଛି। ଏହି ଅଞ୍ଚଳରେ କେବଳ ଅଙ୍ଗୁର କୋଳି ନୁହେଁ କାଶୀ କୋଳି, ଡ୍ରାଗନ, ଲିଚୁ, ଚେରି କୋଳି ଓ ସେଓ ସମେତ ବିଭିନ୍ନ ଫଳ ଉତ୍ପାଦନ ହେଉଛି। ଏହାର ଉପଯୁକ୍ତ ତାଲିମ ପାଇ ବିଭିନ୍ନ ଜ୍ଞାନ କୌଶଳରେ ଚାଷ କଲେ ଚାଷୀ ସଫଳ ହୋଇପାରିବ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳୀ କହିଛନ୍ତି।



ଜମ୍ବୁର ଶ୍ରୀମନ୍ତ ପାହାଡ଼ିଙ୍କ ବାଡ଼ିରେ ଅଙ୍ଗୁର ଫଳିଛି।

# ଜୀବନ ଯନ୍ତ୍ରଣା ଭିତରେ ବଞ୍ଚିବାର ରାହା ଖୋଜୁଥିବା ଦମ୍ପତି

**ରାଜନଗର,୨୦।୫(ଡି.ଏନ.ଏ.)**

ଜଳଧର ଦାସ, ବୟସ ୮୦। ସ୍ତ୍ରୀ ବାସନ୍ତୀ ଦାସ ବୟସ ୭୫ । ବୟସର ଅପରାହ୍ନରେ ପାଦ ଥାପି ସାରିଲେଣି ଦୁହେଁ । ଜଳଧର ଜନ୍ମରୁ କୁଜା। କୁଜା ହେଲେ ବି ଜୀବନ ଯନ୍ତ୍ରଣାକୁ ଭ୍ରୁକ୍ଷେପ ନ କରି କାମ ଧନ୍ଦା କରି ପେଟ ପୋଷୁଥିଲେ। ପରିବାର ଚଳାଉଥିଲେ। ବାସନ୍ତୀଙ୍କ ଆଖିକୁ ଆଉ ଭଲ ଦିଶୁନି । ଦୁହିଁଙ୍କ ଆଶା ଭରଷା ହେଉଛି ବାଉଁଶରେ ତିଆରି ଆଶାବାଡ଼ି। ଯୁଆଡେ ଯାଆନ୍ତି, ଦୁହେଁ ପରସ୍ପରକୁ ଧରି ବାଟ ଚାଲନ୍ତି। ଗାଁରେ ଥିବା ଭିଟାମାଟି ହରାଇ ଏବେ ରାଜନଗର-ପଟ୍ଟାମୁଣ୍ଡାଇ ତଳ ସଂଯୋଗ ରାସ୍ତାର ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ସରକାରୀ ଜାଗାରେ ପଲିଥିନ ଘେରା କୁଡ଼ିଆରେ ରହୁଛନ୍ତି । ବୋଧହୁଏ ଏହା ହେଉଛି ସେମାନଙ୍କ ପାଇଁ ଶେଷ ଠିକଣା।

ସେହି ଘରେ କବାଟ ନାହିଁ କି ଝରକା। ଛୋଟ ଅଖା ଟାଣି କୁଡିଆରେ ଆଶ୍ରୟ ନିଅନ୍ତି ଜଳଧର ଓ ବାସନ୍ତୀ। ପିଲାଛୁଆ ତ ତାଙ୍କ କୋଳକୁ ଠାକୁର ଦେଇ ନାହାଁନ୍ତି। ତଥାପି ଭାଗ୍ୟ, ଭଗବାନଙ୍କୁ ଆଶ୍ରା କରି ବଞ୍ଚି ରହିଛନ୍ତି ଦୁହେଁ। ଅଭାବ, ଅନାଟନ ସାଙ୍ଗକୁ ବାର୍ଦ୍ଧକ୍ୟଜନିତ ଅସରନ୍ତି ଦୁଃଖ ସେମାନଙ୍କୁ ନିରାଶ କରିଛି। ମାସିକ ୫ଶହ ଲେଖାଏଁ ଭତ୍ତା ଟଙ୍କା ହିଁ ଦୁହିଁଙ୍କ ଭରସା ସାଜିଛି । କେନ୍ଦ୍ର ଓ ରାଜ୍ୟ ସରକାର ଅସଂଖ୍ୟ ଯୋଜନା ଗରିବ ଗୁରୁବାଙ୍କ ପାଇଁ ଯୋଗାଇ ଦେଉଥିବା ବେଳେ ଏହି ଦମ୍ପତି ପାଇଁ ସେ ସବୁ ସାତ ସପନ ହୋଇଛି। ସରକାର ପରେ ନୂଆ ସରକାର ଶପଥ ନେଉଛନ୍ତି । ସରପଞ୍ଚ ପରେ ନୂଆ ସରପଞ୍ଚ ଭୋଟ ପାଇ ଆସୁଛନ୍ତି। ହେଲେ ଜଳଧର, ବାସନ୍ତୀଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିନାହିଁ । ସେଥିପାଇଁ ସେମାନେ କୌଣସି ଆବାସ ଯୋଜନାରେ ସାମିଲ ହୋଇପାରିନାହାନ୍ତି। ବୟସ ଥିବା ବେଳେ ପର ଘରେ କାମ କରି ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ତେଲ ଲୁଣର ସଂସାର ଚାଲୁଥିଲା । ଏବେ ସେମାନେ ଆଉ ପାରୁ ନାହାଁନ୍ତି। କିଏ ଜାଣିଛି ଆମେ ଆଉ କେତେଦିନ ବଞ୍ଚିବୁ । ପୁଅ,ଝିଅ ନ ଥିବାରୁ ଆମେ କେବଳ ଅନ୍ୟର ହାତଟେକା ସହାୟତାକୁ ଅପେକ୍ଷା କରିଛୁ ବୋଲି ଦୁହେଁ କହିଛନ୍ତି । ଶୁକ୍ରବାର ଥିବା ସାବିତ୍ରୀ ବ୍ରତ। ଏ ସମ୍ପର୍କରେ ବାସନ୍ତୀଙ୍କୁ ପଚାରିବାରୁ ମୁଁ ବୋହୂ ହୋଇ ଆସିବା ବେଳେ ତ ଏ ସବୁ ଫାର୍ସ ନ ଥିଲା। ମୋ ସ୍ୱାମୀ ମୋ ପାଇଁ ଇହକାଳ, ପରକାଳର ଦେବତା। ତାଙ୍କ ପାଦ ତଳେ ସକାଳୁ ଉଠି ମୁଁ ପ୍ରତିଦିନ ମୁଣ୍ଡିଆ ମାରେ। ସେଥିପାଇଁ ମୁଁ ସବୁଦିନ ସାବିତ୍ରୀ ବ୍ରତ କରେ ବୋଲି ବାସନ୍ତୀ କହିଛନ୍ତି।



ସହାୟତ ଦମ୍ପତି ବାସନ୍ତୀ ଓ ଜଳଧର ।

## ସଂକ୍ଷେପରେ

### ବଜ୍ରପାତରେ ଯୁବତୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୦।୫(ଡି.ଏନ୍.ଏ.): ମୋହନା ବ୍ଲକଠାରେ କାଳ ବୈଶାଖୀ ପ୍ରଭାବରେ ବଜ୍ରପାତ ହେବାରୁ ଶୁକ୍ରବାର ରାତିରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୋହନା ବ୍ଲକ ରାଇଗଣ୍ଡା ଗ୍ରାମର ଗାରତି ନାୟକ। ଗାରତି ନିଜ ଘରର କବାଟ ପାଖରେ ବସିଥିବା ବେଳେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ପାଣିଗଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ମୋହନା ମେଡିକାଲକୁ ସ୍ଥାନାନ୍ତର କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ତ୍ରିଶୂଳ ସେନାପତି ସୂଚନା ଦେଇଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଆସିକା, ୨୦।୫ (ଡି.ଏନ୍.ଏ): ଗୁଜରାଟର ସୁରତରେ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ଗାଙ୍ଗପୁର ଥାନା ଝାଡବନ୍ଧ ଗ୍ରାମରୁ ଗିରଫ କରାଯାଇଛି। ସେ ହେଲେ ରିଙ୍କୁ ବିଷୋୟୀ। ସୁରତରୁ ଆସିଥିବା କ୍ରାଇମବ୍ରାଞ୍ଚ ପୋଲିସ ଗାଙ୍ଗପୁର ପୋଲିସ ସହାୟତାରେ ରିଙ୍କୁଙ୍କୁ ଗିରଫ କରିଥିଲା। ୨୦୧୮ରେ ସୁରତରେ ଘଟିଥିବା ଏକ ହତ୍ୟା ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଥିଲା ବୋଲି ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ଅମଲା ସଂଘର ବୈଠକ

ଆସିକା, ୨୦।୫ (ଡି.ଏନ୍.ଏ): ଆସିକା ଅମଲା ସଂଘ ମିଳିତ ମଞ୍ଚ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଆସିକା ବ୍ଲକ୍ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଅମଲା ସଂଘର ସଭାପତି କିରଣ କୁମାର ପାଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମଲାମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି କରାଯାଉଥିବା ଗ୍ରେଡ ପେ' ୪୨୦୦ ପ୍ରଦାନ ଦିଗରେ ସରକାରୀ ଅବହେଳା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାର ପ୍ରତିବାଦରେ ରାଜ୍ୟ ଅମଲା ମିଳିତ ମଞ୍ଚର ଆହ୍ୱାନ କ୍ରମେ ଚଳିତ ୨୨ ତାରିଖ ଠାରୁ ୩୧ ଯାଏଁ ଅମଲାମାନେ କଳା ବ୍ୟାଜ ପିନ୍ଧିବେ। ଯଦି ଦାବି ପୂରଣରେ ସରକାର ହେୟ ମନୋଭାବ ପୋଷଣ କରନ୍ତି ତେବେ ଜୁନନ୍ ୧ ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ସନ୍ତୋଷ କୁମାର ଗୌଡ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲା ବେଳେ ଜଗନ୍ନାଥ ଦାସ, ସତ୍ୟନାରାୟଣ ପାଣିଗ୍ରାହୀ, ସୁନିତା ପାତ୍ର, ମାନିନୀ ପାଣିଗ୍ରାହୀ, ତୋଫାନ ଗୌଡ, କୃଷ୍ଣଚନ୍ଦ୍ର ଡାକୁଆ ପ୍ରମୁଖ ସାମିଲ ଥିଲେ।

# ଯାତ୍ରାର ଶୋଭା ବଢ଼ାଉଛି ସାଂସ୍କୃତିକ କାର୍ଯ୍ୟକ୍ରମ

## ଆଜି ଏନ୍ଏସି, ସୋମବାର ବିଡେକା ପକ୍ଷରୁ ଶେଷ ପଟୁଆର

ଭଞ୍ଜନଗର,୨୦।୫(ଡି.ଏନ.ଏ)

ଭଞ୍ଜନଗର ଠାକୁରାଣୀ ଯାତ୍ରା ଶନିବାର ୧୮ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବମୁଖା ହୋଇ ବାହାରିବା ପରେ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା । ଭଞ୍ଜନଗର ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ବିପ୍ର ଚରଣ ବାରିକ, ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେଠାରୁ ପୁଣି ଦେବୀ ମୁଖ୍ୟ ସଡ଼କ ଦେଇ ଖାଲାସିସାହି, ରେଡ଼କ୍ରସ ରୋଡ଼ ହୋଇ ଷ୍ଟେଟବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇଥିଲେ। କୋର୍ଟ ରୋଡ଼, ହନୁମାନ ମନ୍ଦିର ରାସ୍ତା ହୋଇ ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପକୁ ଆସି ବିଶ୍ରାମ ନେଇଥିଲେ। ଶନିବାର କବିସମ୍ରାଟ ରଙ୍ଗମଞ୍ଚରେ ହୋଇଥିବା ମେଲୋଡ଼ି କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଉଦ୍‌ଘାଟନ କରିଥିଲେ। ଯାତ୍ରା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୨୪ରେ ଯାତ୍ରା ଉଦ୍‌ଯାପିତ ହେବାକୁ ଥିବାରୁ ଦିନକୁ ଦିନ ଅସମ୍ଭାଳ ଭିଡ଼ ହେଉଛି। ବିଭିନ୍ନ ଅଧାର୍ମିକ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ମଧ କରାଯାଉଛି। ଅପରପକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରାର ଶୋଭା ବଢ଼ାଉଛି। ରବିବାର ଏନଏସି ପକ୍ଷରୁ ଦେବୀଙ୍କୁ ନିମନ୍ତ୍ରଣ କରି ନିଆଯିବା କାର୍ଯ୍ୟକ୍ରମ ରହିଛି। ତେଣୁ ଏନଏସି ପକ୍ଷରୁ ପଟୁଆର ବାହାରିବ। ପଟୁଆରକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ୱାର୍ଡ଼ ନଂ ୨ କାଉନସିଲରଙ୍କ ପ୍ରତିନିଧି କୃଷ୍ଣ ବିଷୋୟୀ କହିଛନ୍ତି। ସେହିଭଳି ସୋମବାର ଯାତ୍ରାର ଶେଷ ପଟୁଆର ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ପକ୍ଷରୁ ବାହାରିବ । ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ କଳାକାର ଉକ୍ତ ଶୋଭାଯାତ୍ରାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଦଶଅବତାର ବାହାରିବ । ସ୍ଥାନୀୟ କଳାକାରମାନେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିବେ । ଉକ୍ତଦିନ ସନ୍ଧ୍ୟାରେ କବିସମ୍ରାଟ ରଙ୍ଗମଞ୍ଚରେ ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସମେତ ଅନେକ ଜଣାଶୁଣା କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବେ । ମଙ୍ଗଳବାର ସିଂହବାହିନୀ ଅଛି । ଉକ୍ତଦିନ ସେଭଳି ପଟୁଆର ନାହିଁ । କବିସମ୍ରାଟ ରଙ୍ଗମଞ୍ଚରେ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ବୁଧବାର ଦେବୀ ଅସ୍ଥାୟୀ ମଣ୍ଡପରୁ ସ୍ଥାୟୀ ମଣ୍ଡପକୁ ଫେରିବେ ।



ବିଡେକା ପକ୍ଷରୁ ପଟୁଆର ପାଇଁ ପ୍ରସ୍ତୁତି ଚାଲିଛି।

# ପ୍ରେସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ରକ୍ତ ଦାନ କରୁଛନ୍ତି ।

ଛତ୍ରପୁର, ୨୦।୫ (ଡି.ଏନ୍.ଏ):

ପ୍ରେସ୍ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ଏହି ଶିବିରରୁ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରକ୍ତଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖବରଦାତା ଭାଇମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗରମ ହେତୁ ରକ୍ତଦାନ ଶିବିର ଆୟୋଜନ କରାଯାଇପାରୁ ନ ଥିବା ବେଳେ ଛତ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ ଏଭଳି ମହତ୍ ଆୟୋଜନ ସଫଳତାର ସହ ସମ୍ପନ୍ନ କରାଯାଇଥିବାରୁ ଜିଲାପାଳ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ କାର୍ଯ୍ୟକ୍ରମକୁ ସମସ୍ତ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଯୋଗଦେଇ ପ୍ରେସ୍ କ୍ଲବକୁ ଧନ୍ୟବାଦ ଦେବା ସହ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା, ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ସମେତ ବହୁ ବ୍ୟକ୍ତି ଶିବିର ପରିଦର୍ଶନ କରି ଏହି ମହତ୍ ଉଦ୍ୟମର ପ୍ରଶଂସା କରିଥିଲେ। ସୋରଡ଼ା ବରଗଡ଼ର ଲୋକ କଳାକାର ଦେବେନ୍ଦ୍ର ନାଥ ଦାଶ ଓ ସାଥୀ ବୃନ୍ଦାବନ ଗୌଡ଼ ରକ୍ତଦାନର ମହତ୍ତ୍ୱ ଆଧାରିତ ଦାସକାଠିଆ ପରିବେଷଣ କରିଥିବା ବେଳେ ରକ୍ତ ଦାନ କରିଥିବା ବ୍ୟକ୍ତିମାନେ ସେଲ୍‌ଫି ପଏଣ୍ଟର ମଜା ନେଇଥିଲେ।

## ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେବା ଘଟଣା

# ୫ଜଣଙ୍କୁ ବାନ୍ଧିଲା ପୋଲିସ

ପୁରୁଷୋତ୍ତମପୁର,୨୦।୫(ଡି.ଏନ.ଏ.)

ପୁରୁଷୋତ୍ତମ ପୁର ଥାନା ଚିଙ୍ଗୁଡି ଘାଇ ଗ୍ରାମରେ ଚୋର ସନ୍ଦେହରେ ପୁରୀ ଜିଲା ଗଡିଶଗଦା ଥାନା ଅନ୍ତର୍ଗତ ବାଦୁରାଗଡ ଗ୍ରାମର ବାହୁଡା ସାହୁ (୪୦)ଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ପୋଲିସ ୫ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚିଙ୍ଗୁଡି ଘାଇ ଗ୍ରାମର ତପନ କୁମାର ପଢିଆରୀ, ମିଟୁ ନାୟକ, କିଶୋର ନାୟକ, ସତ୍ୟ ନାରାୟଣ ନାୟକ ଓ ରେଙ୍ଗିଡି ପଲ୍ଲୀ ଗ୍ରାମର ଭବାନିଶଙ୍କର ସାହୁ। ସୂଚନାଯୋଗ୍ୟ, ବୁଧବାର ରାତିରେ ଚିଙ୍ଗୁଡିଘାଇ ଗ୍ରାମର କିଶୋର ନାୟକଙ୍କ ଘର ବାରିପଟେ ଶବ୍ଦ ହୋଇଥିଲା। ଏହାଶୁଣି ଘରମାଲିକ ଉଠିଯାଇ ଜଣେ ବ୍ୟକ୍ତିଙ୍କୁ ଦେଖିଥିଲେ। ସମ୍ପୃକ୍ତ ବ୍ୟକ୍ତି ଚୋର ବୋଲି ଭାବି ପାଟି କରିବାବେଳେ ସେ ଘରମାଲିକ ଉପରକୁ ଇଟା ଖଣ୍ଡ ଓ ପାଖରେ ଥିବା ଏକ ଟିଣ ଫୋପାଡି ଥିଲେ। ଏଥିରେ ଘରମାଲିକ କିଶୋର ନାୟକ ଆହାତ ହୋଇ ଚିତ୍କାର କରିଥିଲେ। ଏହା ଶୁଣି ଗ୍ରାମର କିଛି ଲୋକ ଉଠି ଆସିଥିବା ବେଳେ ବାହୁଡ଼ା ଲୋକଙ୍କୁ ଦେଖି ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ଲୋକେ ଗୋଡ଼ାଇ ଗୋଡାଇ ତାଙ୍କୁ ଧରି ଆଣି ଏକ ବିଦ୍ୟୁତ୍ ପୋଲରେ ବାନ୍ଧି ମାଡ ମାରିଥିଲେ। ଏପରିକି ଗ୍ରାମ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛ ମୂଳରେ ପକାଇ ଦେଇଥିଲେ। ଫଳରେ ଲୋକଙ୍କ ମାଡ଼ରେ ବାହୁଡ଼ାଙ୍କ ମୃତ୍ୟୁ ଘଟିଥିଲା।

### ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୨୦।୫(ଡି.ଏନ.ଏ.)

ଏକ ହତ୍ୟା ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ପଥରା ଗ୍ରାମରୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି। ସେ ହେଲେ ପଥରା ଓଡ଼ିଆ ସାହିର କାଳିଆ ପଲେଇ। ୨୦୨୦ରେ ପଥରା ଗ୍ରାମରେ ମଦ ବିକ୍ରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ତେବେ ଉକ୍ତ ଘଟଣାରେ ଫେରାର ଥିବା କାଳିଆ ଶନିବାର ଧରାପଡ଼ିଥିଲେ। କାଳିଆ ପଥରା ଗ୍ରାମର ଏକ କୁକୁଡ଼ା ଫାର୍ମରେ ଥିବା ଏକ ଖବର ପାଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ହିମାଂଶୁ ଶେଖର ପାତ୍ର, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର କାଳିଆକୁ ଧରିବାରେ ସଫଳ ହୋଇଥିଲେ। ଖଲ୍ଲିକୋଟ କୋର୍ଟ ଜିଆର କେସ ନଂ. ୯/୨୦ ଆଧାରରେ କାଳିଆକୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

### ୬୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି,୨୦।୫(ଡି.ଏନ.ଏ.) ମୋହନା ବ୍ଲକ କେଶରୀଗୁଡା ଗ୍ରାମର ପ୍ରସାଦ ଉଠାନସିଂ (୩୦)୨୭.୮.୨୧ ତାରିଖରେ ନିଜ ବୋଲେରୋ (ନଂ ଓଡ଼ି-୦୭ଆର.୨୭୮୬)ରେ ୬୧୫କେଜି ୩୫୦ଗ୍ରାମ ଗଞ୍ଜେଇ ଚୋରା ଚାଲାଣ କରିବା ସମୟରେ ପୋଲିସ ହାବୁଡ଼ାରେ ପଡ଼ିଛନ୍ତି। ପୋଲିସ ନଂ.୧୬୩/୨୧ରେ ଏକ ମାମଲା ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ମିଳିଛି।

# ଜୁନ୍ ୨ରେ ହାଜର ପାଇଁ ନିର୍ଦ୍ଦେଶ ଦେଲେ କୋର୍ଟ

## ସୌମ୍ୟ ମୃତ୍ୟୁ ମାମଲା

ପାରଳାଖେମୁଣ୍ଡି, ୨୦।୫ (ଡି.ଏନ୍.ଏ):

ବହୁ ଚର୍ଚ୍ଚିତ ଏସିଏଫଓ ସୌମ୍ୟ ରଞ୍ଜନ ମୃତ୍ୟୁ ମାମଲାରେ ତାଙ୍କ ବାପା ଅଭିରାମ ମହାପାତ୍ର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ଦ୍ୱାରସ୍ତ ହୋଇଥିଲେ। କୋର୍ଟ ଏହି ମାମଲାରେ ଅଭିରାମଙ୍କ ସମସ୍ତ ତଥ୍ୟ ଦସ୍ତାବିଜକୁ ଗ୍ରହଣ କରି ହତ୍ୟା ଓ ହତ୍ୟା ପାଇଁ ଷଡ଼ଯନ୍ତ୍ର ଭଳି ଦଫା ଲଗାଇ କୋର୍ଟ ମାମଲାକୁ ଗ୍ରହଣ କରିଛନ୍ତି। ତେବେ ଏହି ମାମଲାରେ ଗତ ୧୭ ତାରିଖ ଦିନ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଡିଏଫଓ ସଂଗ୍ରାମ ବେହେରା, ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟା ମନ୍ମଥ କୁମ୍ଭକୁ ବ୍ୟକ୍ତିଗତ ହାଜର ହେବାକୁ କୋର୍ଟ ନୋଟିସ କରିଥିଲେ। ହେଲେ ସେମାନେ କୌଣସି କାରଣ ଦର୍ଶାଇ କୋର୍ଟକୁ ସମୟ ମାଗିଥିଲେ। କୋର୍ଟ ମେ ୨୦ରେ ହାଜର ହେବା ପାଇଁ ସମୟ ଦେଇଥିଲେ। ତେବେ ଆଜି ଅଭିଯୁକ୍ତ ୩ ଜଣଙ୍କ ତରଫରୁ ତାଙ୍କ ଓକିଲ ହାଜର ହୋଇ ପୁନର୍ବାର ସମୟ ମାଗିଥିଲେ। ଏହାକୁ ଅଭିରାମଙ୍କ ଓକିଲ ସମୟ ନ ଦେବା ପାଇଁ ତର୍କ ରଖିଥିଲେ । ହେଲେ ଉଭୟ ପକ୍ଷରୁ ବିତର୍କ ଶୁଣିବା ପରେ କୋର୍ଟ ଆସନ୍ତା ଜୁନ ୨ ତାରିଖ ପାଇଁ ସମୟ ଦେଇଛନ୍ତି । ତେବେ ଏହି ମାମଲାରେ ଆଗକୁ କୋର୍ଟ କାହା ସପକ୍ଷରେ ରାୟ ଶୁଣାଉଛନ୍ତି ତାହା ଉପରେ ରହିଛି ନଜର ।

# ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟ ଉଦ୍‌ଘାଟିତ

ପୁରୁଷୋତ୍ତମପୁର,୨୦।୫(ଡି.ଏନ.ଏ.):

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଓକିଲ ସଂଘର ଦୀର୍ଘଦିନ ଦାବି ପୂରଣ ହୋଇଛି। ଶନିବାର ଏଠାରେ ସିନିୟର ଡିଭିଜନ ସିଭିଲ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଉଦଘାଟିତ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ ମୁରଲିଧର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ ଗଞ୍ଜାମ ଜିଲା ଜଜସିପ ପ୍ରଶାସନିକ ଦାୟିତ୍ୱରେ ଥିବା ହାଇକୋର୍ଟର ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଜଷ୍ଟିସ ଦାଶ ଓକିଲମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଯେପରି କେସଗୁଡିକ ଶୀଘ୍ର ଫଇସଲା ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଦୌରାଜଜ୍ ରୁପଶ୍ରୀ ଚୌଧୁରୀ, ରେଜିଷ୍ଟ୍ରର ସୁଶାନ୍ତ କୁମାର ମିଶ୍ର, ପୁରୁଷୋତ୍ତମପୁର ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟରେ ନୂତନ ଭାବେ ଯୋଗଦେଇଥିବା ବିଚାରପତି ଶରତ କୁମାର ସାହୁ, ଗଞ୍ଜାମଏସପି ଜଗନ ମୋହନ ମିନା, ପୁରୁଷୋତ୍ତମପୁର ଏସଡିପିଓ ରଜନିକାନ୍ତ ସାମଲ, ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଉପସ୍ଥିତ ଥିଲେ। ଓକିଲ ସଂଘର ସଭାପତି ଉପେନ୍ଦ୍ର ପଣ୍ଡା, ସମ୍ପାଦକ ସୀମାଞ୍ଚଳ ମିଶ୍ର, ଉପସଭାପତି ଗୌରୀଶଙ୍କର ରାଉଳ, ସହ ସମ୍ପାଦକ ଅକ୍ଷୟ କୁମାର ବେହେରା, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ, ବରିଷ୍ଠ ଓକିଲ କେଦାରନାଥ ପଟ୍ଟନାୟକ, ପ୍ରଭାତ କୁମାର ପଟ୍ଟନାୟକ, ଅରୁଣ କୁମାର ପଣ୍ଡା, ସୀତାରାମ ପାଣିଗ୍ରାହୀ, ପି.ଗୋପାଳଙ୍କ ସମେତ ସମସ୍ତ ଓକିଲ ଉପସ୍ଥିତ ଥିବା ବେଳେ ଆସିକା ଏମପି ପ୍ରମିଳା ବିଷୋଇ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ପୁରୁଷୋତ୍ତମପୁର ଏନସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ପ୍ରମୁଖ ଯୋଗଦେଇ ଥିଲେ।




ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ଉଦ୍‌ଘାଟନ କରୁଛନ୍ତି।

# ଶାଶୁଙ୍କୁ ହତ୍ୟା ଉଦ୍ୟମ, ଜ୍ୱାଇଁ ଗଲେ ଜେଲ

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

କେ.ନୂଆଗାଁ ଥାନା ସନ୍ଧିଗାଁ ଗ୍ରାମର ସୀମାଞ୍ଚଳ ପ୍ରଧାନଙ୍କ ସ୍ତ୍ରୀ ଝୁନୁ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଜ୍ୱାଇଁପୁଅ ଗଙ୍ଗାଧର ପ୍ରଧାନଙ୍କ କାଠ ଫାଳିଆ ମାଡ଼ରେ ଝୁନୁ ଲହୁଲୁହାଣ ହୋଇ ଅଚେତ ହୋଇ ପଡିଥିବା ବେଳେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚେତା ଫେରିଥିବା ଜଣାପଡ଼ିଛି। ଏହାପରେ ସେ କେ. ନୂଆଗାଁ ଥାନାରେ ଏତଲା ଦେବାପରେ ପୋଲିସ ନଂ. ୧୮୫/୨୩ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ଗଙ୍ଗାଙ୍କୁ ଶନିବାର ଦିଗପହଣ୍ଡି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହୋଇ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ପ୍ରାୟ ୧୨ ବର୍ଷ ପୂର୍ବେ ଝୁନୁଙ୍କ ଝିଅ କଳ୍ପନାଙ୍କ ବିବାହ ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗ୍ରାମର ଗଙ୍ଗା ପ୍ରଧାନଙ୍କ ସହ ହୋଇଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଦାବିରେ କଳ୍ପନାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା। ବିଭିନ୍ନ ସମୟରେ ଗଙ୍ଗା ଶ୍ୱଶୁର ଘର ଲୋକଙ୍କଠାରୁ ପ୍ରାୟ ୧୬ ଲକ୍ଷ ଟଙ୍କା ଏବଂ ୧୮ ଭରି ଓଜନର ସୁନା ଅଳଙ୍କାର ନେଇଥିଲେ ମଧ ବାରମ୍ବାର ତାଙ୍କ ଝିଅକୁ ନିର୍ଯାତନା ଦେଉଥିବା ଝୁନୁ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ତାଙ୍କ ଝିଅ ତାଙ୍କ ସହ ସନ୍ଧିଗାଁରେ ରହୁଥିବା ବେଳେ ଗତ ଗୁରୁବାର ଜ୍ୱାଇଁ ପୁଅ ଗଙ୍ଗା ସେଠାରେ ପହଞ୍ଚି କଳ୍ପନାଙ୍କୁ ତାଙ୍କ ସହ ଛାଡ଼ିବାକୁ ବାଧ କରିଥିଲେ। କିନ୍ତୁ ଝିଅର ଜୀବନ ପ୍ରତି ବିପଦ ଥିବା ମନେକରି ଝୁନୁ ଅରାଜି ହେବାରୁ ଜ୍ୱାଇଁ ଆକ୍ରମଣ କରିଥିବା ଜଣାପଡିଛି।

# ଶୀତଳଷଷ୍ଠୀ ପାଇଁ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ



ଠାକୁରଙ୍କୁ ନିମନ୍ତ୍ରଣ କରାଯାଉଛି।

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୦।୫

ଫିରିଙ୍ଗିଆ ବ୍ଲକରେ ଦୀର୍ଘ ବର୍ଷ ଧରି ଶିବ ବିବାହ ବା ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଶୀତଳ ଷଷ୍ଠୀ ଉତ୍ସବ ପାଇଁ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଭୟ ବର ପକ୍ଷ ଓ କନ୍ୟା ପକ୍ଷ ସହ ପରିଚାଳନା କମିଟି ସଦସ୍ୟ ଭକ୍ତଙ୍କ ଉପସ୍ଥିତିରେ ଯଥା ରୀତି ପ୍ରଥମେ ଜଗନ୍ନାଥ ମନ୍ଦିର ଓ ପରେ ସ୍ଥାନୀୟ ଶିବ ମନ୍ଦିରରେ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ମାସ ୨୩ ଓ ୨୪ ତାରିଖରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ପାଳନ ହେବ. ଭକ୍ତ ଓ ଶ୍ରଦ୍ଧାଳୁ ଏହି ପର୍ବକୁ ଆନନ୍ଦର ସହ ପାଳନ କରିବାକୁ ଥିବା ବେଳେ ଚଳିତ ବର୍ଷ କିଭଳି ଭାବରେ ଧୁମ ଧାମରେ ପାଳନ ହୋଇପାରିବ ସେ ନେଇ ପରିଚାଳନା କମିଟି ପ୍ରସ୍ତୁତ ଥିବା କମିଟି ସଭାପତି ଗୁଣ ନିଧି କହଁର ସୂଚନା ଦେଇଛନ୍ତି। ଅନ୍ୟ ପଟେ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମରେ କମିଟି ସଭାପତି ଗୁଣନିଧି କହଁର, ସତ୍ୟ ପ୍ରସାଦ ପାଣିଗ୍ରାହୀ, ସାରସ୍ୱତ ମୁଖି, ସୁରେନ୍ଦ୍ର କହଁର, ମହେଶ ଦିଗାଲ, କୁଶ ମୁଖି ଏବଂ କନ୍ୟା ପିତା ଓ ବର ପିତା ଭାବରେ କାର୍ଯ୍ୟ ଭାର ନେଇଥିବା ରବୀନ୍ଦ୍ର କୁମାର ସାହୁ, ବାଳକୃଷ୍ଣ ଜୁଣିଙ୍କ ସହ ଅନ୍ୟ ଭକ୍ତମାନେ ଯୋଗ ଦେଇଥିଲେ।

# କେନ୍ଦ୍ର ପାନୀୟ ଜଳ ଓ ପରିମଳ ବିଭାଗ ସଚିବଙ୍କ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ

ହିଞ୍ଜିଳିକାଟୁ/ଗଞ୍ଜାମ,୨୦।୫(ଡି.ଏନ୍.ଏ.):

ଭାରତ ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗ ସଚିବ ଭିନି ମହାଜନ ଶନିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁରେ ପହଞ୍ଚିଛନ୍ତି। ପଞ୍ଚାୟତବାସୀଙ୍କ ତରଫରୁ ସଚିବଙ୍କୁ ପୁଷ୍ପ ଅର୍ପଣ ସହ ଉପଢୌକନ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସଚିବ ସେଠାରେ କେନ୍ଦ୍ରୀୟ ଅନୁଦାନ ପାଣ୍ଠି ବିନିଯୋଗରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ଯୋଗାଣ ଓ ପରିମଳ ସମ୍ପର୍କିତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକର କ୍ଷେତ୍ର ପରିଦର୍ଶନ କରି ପର୍ଯ୍ୟବେକ୍ଷଣ କରିଛନ୍ତି। ସଚିବ ଶାସନ ଆମ୍ବଗାଁରେ ଅବସ୍ଥାପିତ ଥିବା ୭ଟନ କ୍ଷମତା ବିଶିଷ୍ଟ ସମ୍ପଦ କେନ୍ଦ୍ରରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ଓ ପରିଚାଳନା ସମ୍ପର୍କରେ ନିୟୋଜିତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତରେ ନିର୍ମିତ ହୋଇଥିବା ୧.୫ ଲକ୍ଷ କ୍ଷମତା ବିଶିଷ୍ଟ ୨ଟି ଭୂତଳ ଜଳ ଭଣ୍ଡାର ଓ ଉଚ୍ଚ ଜଳ ଭଣ୍ଡାର ସହ ବିଭିନ୍ନ ସାହି ବସ୍ତିକୁ ଯୋଗାଣ ହେଉଥିବା ବିଶୁଦ୍ଧ ପାନୀୟ ଜଳଯୋଗାଣର ସୁବିଧା ଅସୁବିଧା ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ପରିମଳ କମିଟି ଓ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାଦୀ ଆମ୍ବଗାଁ ଗସ୍ତ କରି ୧୦ ଯୋଡ଼ା ଶୋଷକ ଖାତ, ୨୫ଟି ନଳକୂପ ଲିଚଖାତ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ସଚିବଙ୍କ ସହ ରାଜ୍ୟ ପରିମଳ ସଚିବ ଜି.ପରମେଶ୍ୱର, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ,ବିଡିଓ ସୁବ୍ରତ କୁମାର ଜେନା, ଏବିଡ଼ିଓ ଅରୁଣ କୁମାର ପ୍ରଧାନ, ଛତ୍ରପୁର ଜଳ ଓ ପରିମଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ମହନ୍ତ, ବ୍ରହ୍ମପୁର ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଇଂ ବିକାଶ ଚନ୍ଦ୍ର ସାମଲ, ଜିଲ୍ଲା ପରାମର୍ଶଦାତା ନମିତା ନାହାକ, ଛତ୍ରପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜନକ ବଳିଆରସିଂ, ହିଞ୍ଜିଳିକାଟୁ ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଏ.ସୁଦର୍ଶନ, ନିର୍ବାହୀ ଅଧିକାରୀ ବାସୁଦେବ ବେହେରା, ସରପଞ୍ଚ ଜନାର୍ଦ୍ଦନ ସେଠୀ, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ ଓ ପ୍ରସନ୍ନ କୁମାର ଦଳାଇ, ଗୋପାଳ ପାଢ଼ୀ, ନୀଳାଚଳ ପାଢ଼ୀ, ଭଗବାନ ଗୌଡ଼, ମିଶନ ଶକ୍ତି ସଦସ୍ୟା, ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ବ୍ଲକ ମଲାଡ଼ଠାରେ ଗଞ୍ଜାମ ବ୍ଲକ ଓ କୃଷ୍ଣ ପ୍ରସାଦ ବ୍ଲକ ନିର୍ମାଣ ହେଉଥିବା କଂସାରୀଗଣ୍ଡ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। କେନ୍ଦ୍ର ସଚିବଙ୍କ ସହ ରାଜ୍ୟ ପଞ୍ଚାୟତି ରାଜ ବିଭାଗ ନିର୍ଦ୍ଦେଶକ ଜି ପରମେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉକ୍ତ ମଲାଡ଼ ପଞ୍ଚାୟତ ପଣିବନ୍ଧଠାରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କିପରି ପରିଚାଳନା କରାଯାଉଛି ପଚାରି ବୁଝିଥିଲେ। କେନ୍ଦ୍ର ସଚିବଙ୍କ ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମଲାଡ଼ ସରପଞ୍ଚ ମମତା ବେହେରା, ନିର୍ବାହୀ ଯନ୍ତ୍ରୀ ବିକାଶ ସାମଲ, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ସୁଦାମ ବେହେରା, ଜିଲା ବିଜେଡି ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ ଗୌଡ଼, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ମଲ୍ଲିକଙ୍କ ସମେତ ସମସ୍ତ ସ୍ୱୟଂସହାୟକ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।



ହିଞ୍ଜିଳିକାଟୁରେ କେନ୍ଦ୍ର ସଚିବ, ଜିଲାପାଳ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଶ୍ୱଶୁରଙ୍କୁ ହତ୍ୟା ମାମଲା ନିର୍ଦ୍ଦୋଷରେ ଖଲାସ ହେଲେ ବୋହୂ

ଯାଜପୁର ଟାଉନ/ଯାଜପୁର ରୋଡ୍, ୨୦।୫(ଡି.ଏନ.ଏ.): ଶ୍ୱଶୁରଙ୍କୁ ବୋହୂ ହତ୍ୟା କରିବା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ରୋଡ୍ ସହକାରୀ ଜିଲା ଦୌରାଜଜ୍ ହୃଷୀକେଶ ଆଚାର୍ଯ୍ୟ ମାମଲାର ବିଚାର କରି ପ୍ରମାଣ ଅଭାବରୁ ବୋହୂଙ୍କୁ ନିର୍ଦ୍ଦୋଷରେ ଖଲାସ କରି ରାୟ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅଗଷ୍ଟ ୧୬ ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ରଣପାଳ ଗ୍ରାମର ପବନା ହାତୀ(୬୬) ସନ୍ଧ୍ୟାରେ ଘର ବାରଣ୍ଡାରେ ଭଜନକୀର୍ତ୍ତନ କରୁଥିଲେ। ଏହିସମୟରେ ତାଙ୍କ ବୋହୂ ରୂପା ହାତୀ ଏକ ଟାଙ୍ଗିଆ ଯୋଗେ ପବନାଙ୍କ ବେକକୁ ଚୋଟ ମାରିଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଥିବା ପବନାଙ୍କ ସ୍ତ୍ରୀ ଚିତ୍କାର କରିବାରୁ ବୋହୂ ପୁନର୍ବାର ଆଉ ଏକ ଚୋଟ ମାରି ଟାଙ୍ଗିଆକୁ ସେଠାରେ ଫୋପାଡି ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ପବନାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଗଷ୍ଟ ୧୭ରେ ପବନାଙ୍କ ପୁଅ ଉତ୍କଳ ହାତୀ ପାଣିକୋଇଲି ଥାନାରେ ନିଜ ସ୍ତ୍ରୀ ରୂପାଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୦/୨୧ରେ ଏକ ମାମଲା ରୁଜୁ କରିବା ସହ ରୂପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସହକାରୀ ଜିଲା ଦୌରାଜଜ୍ ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୩ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ରୂପାଙ୍କ ପକ୍ଷରୁ ଆଇନଜୀବୀ ପ୍ରବୀର କୁମାର ରାୟ ମକୋଦ୍ଦମା ପରିଚାଳନା କରୁଥିଲେ।

### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

କାଳିଆପାଣି,୨୦।୫(ଡି.ଏନ.ଏ.): ନଗଡ଼ାର ନାଲିଆଡ଼ାଠାରେ ମଙ୍ଗଳବାରଠାରୁ ୩ ଦିନ ଧରି ଚାଲିଥିବା ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ନୂତନ ଶୈବ ପୀଠ କମୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ଯଥାରୀତି ନୀତିରେ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟାୟକ୍ରମେ କଳସ ଶୋଭାଯାତ୍ରା, ବିଗ୍ରହ ପ୍ରତିଷ୍ଠା, ଜୀବନ୍ୟାସ, ପୂର୍ଣ୍ଣାହୁତି, ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିରର ନିର୍ମାଣଠାରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତଦାରଖ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଖବରଦାତା ରବିନାରାୟାଣ କର, ଲମ୍ବୋଦର ଦଳବେହେରା, ଅସିତ ମହାନ୍ତ, ୩୭ନଂ. ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଚିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରି, ବେଦାନ୍ତ କମ୍ପାନୀର ବରିଷ୍ଠ ଖଣି ପରିଚାଳକ ଇଂ. ଅଜୟ ପାତ୍ର, ଇଂ. ସାରସତ୍ୱ ନନ୍ଦ, ସୁଶାନ୍ତ କୁମାର ସାହୁ, ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ସଞ୍ଜୀବ ସାହୁ, ରାଜୀ ତ୍ରିପାଠୀ, ଇମ୍ଫା କମ୍ପାନୀର ଜଗଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୩ ନଗଡ଼ା, ତୁମୁଣି, ଗୁହିଆଶାଳ, ଚିଙ୍ଗୁଡ଼ିପାଳ, ଦେଓଗାଁ, କାଳିଆପାଣି, ରାଂସୋଳ ଓ କଂସର ବହୁ ମୁରବି ଯୋଗଦେଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଯୁବନେତା ବୈକୁଣ୍ଠ ମହାନ୍ତ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ କାର୍ଯ୍ୟତୁଲାଇଥିଲେ। ସାମାଜିକ କର୍ମୀ ଆଶିଷ ଜେନା, ଶୁଶାନ୍ତ, ପୂର୍ବତନ ସରପଞ୍ଚ ଜିନିତା ମୁଣ୍ଡା ଓ ସୁଷମା ଦେହୁରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବିଲରୁ ଅଜଣା ମୃତଦେହ ଜବତ

ଜଳେଶ୍ୱର, ୨୦।୫(ଡି.ଏନ.ଏ.): ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ନିମପୁର ଗାଁ ନିକଟ ୫୦୦ ମିଟର ଦୂର ବିଲ ମଝିରେ ଏକ ଅଜଣା ମୃତଦେହ ପଡିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାୟ ୭ ଦିନ ପୂର୍ବରୁ ଲୋକଟି ସେଠାରେ ମୃତ୍ୟୁବରଣ କରିଥିବାରୁ ଶରୀର ଶଢ଼ିଯାଇ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ସେ ଏକ କମଳା ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ଲୋକଟିର ବୟସ ପାଖାପାଖି ୬୦ ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି।

# ଜରିମାନା ଦେବାକୁ ଲୁଟ୍ ଜୋରଦାର

ଯାଜପୁର ଅଫିସ,୨୦।୫

**ଧର୍ମଶାଳାରେ ବେଆଇନ କଳାପଥର କାରବାର**

■ ଖୋଳ ହୋଇଗଲାଣି ଆରୁହା, ଲୁଣିବର, ମାଲଗୋଡ଼ା ଖାଦାନ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ମୂଲ୍ୟବାନ କଳାପଥର ଚୋରି ଏବେ ଆହୁରି ଜୋର ଧରିଛି। ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହେବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଜରିମାନା ରାଶି ଭରିବାକୁ ଲିଜ୍‌ଧାରୀମାନେ ଜିଲା ପ୍ରଶାସନ, ତହସିଲଦାର ଏବଂ ସମ୍ପୃକ୍ତ ଥାନାଧିକାରୀଙ୍କ ଚାନ୍ଦା ପରିମାଣକୁ ଦ୍ୱିଗୁଣିତ କରି ଦିନରାତି ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀ ତହସିଲଦାରଙ୍କ ହ୍ୱାଟ୍‌ସଆପ ନମ୍ବରକୁ ନିୟମିତ ଭାବେ କଳାପଥର ଲୁଟ୍ ହେଉଥିବା ଫଟୋ ଓ ଭିଡିଓ ପଠାଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବରଂ ରାଜ୍ୟର ବିପୁଳ ଲଘୁ ଖଣିଜ ସମ୍ପଦ ଲୁଟ୍ କରୁଥିବା ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲିଖିତ ଅଭିଯୋଗକୁ ଉପେକ୍ଷା କରାଯାଉଛି। ଏଥିରୁ ଲିଜ୍‌ଧାରୀଙ୍କୁ ପରୋକ୍ଷ ସହଯୋଗ କରିବାରେ ପ୍ରଶାସନ ଅତି ଚାଲାକି କରୁଥିବା ମତପ୍ରକାଶ ପାଉଛି।

ଲଘୁ ଖଣିଜ ଦ୍ରବ୍ୟ ଚୋରି ନିବାରଣ ପାଇଁ ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରାଯାଇ ଅନୁମୋଦନଠାରୁ ଅଧିକ କଳାପଥର ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କୁ ଜରିମାନା ନିର୍ଦ୍ଦେଶ କରାଯାଉଛି। ଏଥିପାଇଁ ଯାଜପୁର ଉପଜିଲାପାଳ ଓ ଯାଜପୁର ରୋଡ୍ ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ(ଡିଡିଏମ୍)ଙ୍କୁ ନେଇ ଜଏଣ୍ଟ ଡିଷ୍ଟ୍ରିକ୍ଟ ଆସେସ୍‌ମେଣ୍ଟ କମିଟି ଗଠନ କରାଯାଇଛି। ଏହିକ୍ରମରେ ଆରୁହା ପାହାଡ଼ର ସୈରାତ ନମ୍ବର ୩୪/୨୦୨୧–୨୨ରୁ ଲିଜଧାରୀ ମନୋଜ ସାମଲଙ୍କୁ ୫ ବର୍ଷ ପାଇଁ ୭୦ ହଜାର ଘନମିଟର ଉତ୍ତୋଳନ କରିବାକୁ ଅନୁମତି ମିଳିଥିବାବେଳେ ମାତ୍ର ୯ ମାସରେ ୧ ଲକ୍ଷ ୨୨ ହଜାର ୧୧୨ ଘନମିଟର କଳାପଥର ଉତ୍ତୋଳନ କରିଛନ୍ତି। ମାପଚୁପରେ ଏହା ଜଣାପଡ଼ିବା ପରେ ଧର୍ମଶାଳା ତହସିଲଦାର ୧୫।୪।୨୦୨୩ରେ କାରଣ ଦର୍ଶାଅ ନୋଟିସ ଏବଂ ୧୦।୫।୨୦୨୩ରେ ଲିଜ୍‌ଧାରୀଙ୍କୁ ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଅନୁସାରେ କାରଣ ଦର୍ଶାଅ ନୋଟିସର ୧୫ ଦିନ ପରେ ଡିମାଣ୍ଡ ନୋଟିସ, ଡିମାଣ୍ଡ ନୋଟିସର ୧୫ ଦିନ ପରେ ଖାଦାନ କ୍ଲୋଜର ସହ ଲିଜ୍‌ଧାରୀଙ୍କ ବିରୋଧରେ ଥାନାରେ ଏଫ୍ଆଇଆର୍ ଏବଂ କ୍ଲୋଜର ନୋଟିସର ୧୫ ଦିନ ପରେ ଲିଜ୍‌ଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ରୁଜୁ ହେବା କଥା। ଯାଜପୁର ଜିଲା ପ୍ରଶାସନ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଏହି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଫଳରେ ଲିଜ୍‌ଧାରୀମାନେ ସମୟ ପାଇ ଖାଦାନଗୁଡ଼ିକରୁ ପୁଣି ବହୁ ପରିମାଣରେ ଲୁଟ୍ ଜାରି ରଖିଛନ୍ତି। ଖାଦାନଗୁଡ଼ିକର ଚାରିପଟେ କେତେଜଣ ଯୁବକଙ୍କୁ ମୁତୟନ କରି ଦିନରେ କମ୍ପ୍ରେସର ହୋଲ, ସନ୍ଧ୍ୟାରେ ବ୍ଲାଷ୍ଟିଂ ଏବଂ ରାତିସାରା ଲୋଡିଂ ହେଉଛି। ଢେଙ୍କାନାଳ ଜିଲା ଚଡକମରା କ୍ରଶର ଏବଂ କାଏମା ନଦୀବନ୍ଧ କାର୍ଯ୍ୟରେ ବହୁ କୋଟି ଟଙ୍କାର ଉକ୍ତ ବେଆଇନ କଳାପଥର ବ୍ୟବହାର କରାଯାଉଛି। ଏଥିପାଇଁ ଲିଜ୍‌ଧାରୀ ନକଲି ଆର୍ ଫର୍ମ ବ୍ୟବହାର କରୁଥିଲେ ହେଁ ପ୍ରଶାସନ ଓ ପୋଲିସ ଜାଣିଶୁଣି ନୀରବ ବସିଛନ୍ତି। ଏହିସବୁ ବେଆଇନ କାର୍ଯ୍ୟରେ ପ୍ରଭାବଶାଳୀ ନେତାଙ୍କ ସମ୍ପୃକ୍ତି ଥିବାରୁ ପ୍ରଶାସନ ହାତ ମାରିବାକୁ ସାହସ ଜୁଟାଇ ପାରୁ ନ ଥିବା ଆଲୋଚନା ହେଉଛି।



ମାଲଗୋଡ଼ା ପଥର ଖାଦାନରୁ ଚାଲିଛି କଳାପଥର ଲୁଟ୍

ଅନୁମତିଠାରୁ ଅଧିକ ଉତ୍ତୋଳନ ପାଇଁ ଲୁଣିବର ପାହାଡ଼ର କଳାପଥର ଖାଦାନ ଲିଜ୍‌ଧାରୀ ରଙ୍ଗାଧର ପ୍ରଧାନଙ୍କୁ ୧୬ କୋଟି, ଗଙ୍ଗାଧର ଓଝାଙ୍କୁ ୧୯ କୋଟି ଏବଂ ରାହାପୁର ପାହାଡ଼ ଖାଦାନ ଲିଜ୍‌ଧାରୀ ପ୍ରହ୍ଲାଦ ଲେଙ୍କାଙ୍କୁ ୧୬ କୋଟି ଟଙ୍କା ଜରିମାନା ହୋଇଛି। ଅନୁରୂପ ଭାବେ ଅଞ୍ଜିରା ଖାଦାନ ଲିଜ୍‌ଧାରୀ କୃଷ୍ଣ ସାହୁ, ବରଡ଼ା ଖାଦାନ ଲିଜ୍‌ଧାରୀ ଅଜିତ ସାହୁଙ୍କୁ ମଧ୍ୟ ଜରିମାନା ଦେବାକୁ ନୋଟିସ୍ ହୋଇଛି। ତଥାପି କୌଣସି ଖାଦାନରୁ ବେଆଇନ ଉତ୍ତୋଳନ ବନ୍ଦ ହୋଇପାରୁନାହିଁ। ପୋଲିସ ପ୍ରଶାସନକୁ ହାତ କରି ଜରିମାନା ଭରଣା ପାଇଁ ଲୁଟ୍ ଜୋରଦାର କରାଯାଉଛି। ଏପରି କି ରାହାପୁର ପାହାଡ଼ ଖାଦାନକୁ ଖୋଳ କରିଦିଆଯିବା ସହ ମାଲଗୋଡ଼ା ପାହାଡ଼ ଖାଦାନରୁ ମଧ୍ୟ ବିନା ଅନୁମତିରେ ଉତ୍ତୋଳନ କରାଯାଉଛି। ଗୋଟିଏ କଳାପଥର ଖାଦାନରୁ ଦୈନିକ ୫ ଲକ୍ଷ ଟଙ୍କା ଲୁଟ୍ ହେଉଥିବା କୁହାଯାଉଛି। ଏଥିପାଇଁ ୭୦ରୁ ୧୦୦ଟି ହାଇୱା ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ପଚାରିବାରୁ ସେ ପୁରୁଣା ମତାମତକୁ ଦୋହରାଇ କହିଥିଲେ ସ୍ଥାନୀୟ ଅଞ୍ଚଳରୁ ଏଯାଏ କୌଣସି ଅଭିଯୋଗ ହୋଇନାହିଁ। ସରକାରଙ୍କ ଲଘୁ ଖଣିଜ ସମ୍ପଦ ଲୁଟ୍‌ର ସୁରକ୍ଷା ପ୍ରଶାସନର ଏବଂ ଏଥିପାଇଁ ନିଜଆଡୁ ପ୍ରଶାସନ ପଦକ୍ଷେପ ନେବା ଉଚିତ ନୁହେଁ କି ବୋଲି ପ୍ରଶ୍ନ କରିବାରୁ ଜିଲାପାଳ ତାହାକୁ ଏଡ଼ାଇ ଯାଇ କହିଛନ୍ତି, ଆପଣମାନେ ଅଭିଯୋଗ କରନ୍ତୁ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ।

### ବିଦ୍ୟାର୍ଥୀ ଆବାସିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା



ସୌମ୍ୟ ରଞ୍ଜନ ସାହୁ

**ପାଣିକୋଇଲି,୨୦।୫(ଡି.ଏନ.ଏ.):**

ଷଠିପୁର ବାଲିପଶିସ୍ଥିତ ବିଦ୍ୟାର୍ଥୀ ଆବାସିକ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଏହି ଆବାସିକ ବିଦ୍ୟାଳୟର ମୋଟ୍ ୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଏ-୧, ୩ଜଣ ଏ-୨, ୫ ଜଣ ବି-୧ ଓ ଜଣେ ବି-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସୌମ୍ୟରଞ୍ଜନ ସାହୁ ୯୨.୩ ମାର୍କ ୫୫୪ ମାର୍କ ରଖି ଏ-୧ରେ ସଫଳତା ପାଇଥିବା ବେଳେ ଅଭିଷେକ ପାଳ, ଅମିତା ବେହେରା, ଓମ୍‌ପ୍ରକାଶ ମହାକୁଡ଼ ଏ-୨, ମଣିନାଥ ଧଳ, ହିମାଂଶୁ ପାତ୍ର, ରାହୁଲ ରାଜ ସାମଲ, ଗଙ୍ଗାଧର ମହାନ୍ତ, ଜଗମୋହନ ମୁଣ୍ଡା ବି-୧ ଓ ଲକ୍ଷ୍ମୀ ଦାସ ବି-୨ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଧଳ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବରୀ,୨୦।୫(ଡି.ଏନ.ଏ.):**

ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ଗାନ୍ଧୀ ରୋଡ୍ ନିକଟରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରକ୍ତତୀର୍ଥ ହେଉଛି ବରୀ। ଭାରତ ମାତାର ସ୍ୱାଧୀନତା ପାଇଁ ବରୀ ଅଞ୍ଚଳର ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଶହୀଦ ହୋଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତ ତୀର୍ଥଭାବେ ପରିଚିତ କଳାମାଟିଆଠାରେ ନିର୍ମାଣ ହୋଇଛି ସ୍ମୃତିସ୍ତମ୍ଭ। ଇତିହାସର ଗାଥା ବହନ କରୁଥିବା ଏହି ସ୍ମୃତିସ୍ତମ୍ଭର ଅକୁହା କଥା ସତେଯେମିତି ଅଞ୍ଚଳର ଯୁବକଙ୍କୁ ସୈନ୍ୟବାହିନୀରେ ଯୋଗଦେବା କ୍ଷେତ୍ରରେ ପ୍ରେରଣାର ଉତ୍ସ ପାଲଟିଛି। ଏଠାରେ ଅନେକ ବ୍ୟକ୍ତି ସୈନ୍ୟବାହିନୀରେ ଯୋଗଦେଇ ଅବସର ନେବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟ କରୁଛନ୍ତି। କେତେବେଳେ ଦୁଃଖୀ ଦରିଦ୍ରଙ୍କ ସେବା ତ କେତେବେଳେ ରୋଗଗ୍ରସ୍ତଙ୍କ ପାଖରେ ପହଞ୍ଚି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମାଆ, ମାଟି, ମାତୃଭାଷାକୁ ସମ୍ମାନ ଦେଉଥିବା ଏହି ସେନା କର୍ମଚାରୀଙ୍କୁ ସବୁବେଳେ ମୋର ଚିର ନମସ୍ୟ। ତେବେ ଆଗାମୀ ଯୁବପିଢ଼ି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଲେ ଏହା ମା'ମାଟିର ସେବା ବୋଲି ଧରି ନେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମଦନମୋହନ ପତି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କୁଞ୍ଜବିହାରୀ ଦାଶ, ସମ୍ମାନିତ ଅତିଥି ଭାବେ ନୃସିଂହ ସ୍ୱାଇଁ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ଓ ଆର୍ତ୍ତବନ୍ଧୁ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଗଗନ ଖୁଣ୍ଟିଆ, ଗୋଲଖ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଘଡ଼ାଇ, ଉପସଭାପତି ଗୟାଧର ଦାସ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ରାଉତ, ସମ୍ପାଦକ କବିର ଦାସ ଓ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ରୁ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

ଯାଜପୁରଟାଉନ,୨୦।୫(ଡି.ଏନ.ଏ.):

ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୨୨ରୁ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ଯାଜପୁର ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଦାମୋଦର ରଥଙ୍କ ଅଧ୍ୟକ୍ଷତାର ଜିଲା କୋର୍ଟରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁହାଯାଇଛି ଯେ, ଏହି ଅଭିଯାନରେ ଦିବ୍ୟାଙ୍ଗମାନେ କିପରି ସେମାନଙ୍କ ନ୍ୟାଯ୍ୟ ଅଧିକାର ପାଇପାରିବେ, ସେଥି ନିମନ୍ତେ ପାରାଲିଗାଲ ସ୍ୱେଚ୍ଛାସେବୀ, ପ୍ୟାନେଲ ଓକିଲ, ଜିଲାର ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ଏନଜିଓମାନଙ୍କୁ ନିୟୋଜିତ କରାଯାଇଛି। ଜିଲାର ଦିବ୍ୟାଙ୍ଗମାନେ ଏହି ଅଭିଯାନର ସୁଯୋଗ ନେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଯୋଗାଯୋଗ କରିପାରିବ ବୋଲି ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ସୂଚନା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ନିଶୁଳ୍କ ସହାୟତା ନଂ.୧୮୦୦୩୪୫୭୫୭୧ର ମଧ୍ୟ ବ୍ୟବସ୍ଥା କରାଯାଇଛି।

## କୃତୀ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



ବଳରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର,୨୦।୫(ଡି.ଏନ୍.ଏ.)

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସରୋଜିନୀ ସ୍ମୃତି ସଂସଦ' ପକ୍ଷରୁ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରୀ ବ୍ଲକ ଅନ୍ତର୍ଗତ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରେୟଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ପୂର୍ବାହ୍ନରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଛାତ୍ରୀଙ୍କ ହଳଦୀବସନ୍ତସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସଂସଦ ତରଫରୁ ଧର୍ମଶାଳା ବ୍ଲକରେ ସର୍ବାଧିକ ୫୬୫ ନମ୍ବର ରଖିଥିବା ବଳରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମିଶ୍ରଙ୍କୁ ତାଙ୍କ ତଳଗଡ଼ସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସମ୍ପାଦକ ଡ. ମହାନ୍ତି ଉଭୟ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଂସଦ ତରଫରୁ ସାଙ୍ଗଠନିକ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ବରିଷ୍ଠ ସଦସ୍ୟ ଶିକ୍ଷାବିତ ଦେବେନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଦୁଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାବା ଲିଙ୍ଗେଶ୍ୱର ପୀଠରେ ବାଦୀପାଲା



ଲିଙ୍ଗେଶ୍ୱର ପୀଠରେ ଗାୟକ ପାଲା ପରିବେଷଣ କରୁଛନ୍ତି।

**ପାଣିକୋଇଲି,୨୦।୫(ଡି.ଏନ.ଏ.):**

ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ବାଦୀପାଲା ଚାଲୁ ରହିଛି। ଏହା ୧୯ ତାରିଖରୁ ଆରମ୍ଭ ହୋଇଛି। ୨୧ ତାରିଖରେ ଶେଷ ହେବ। କଟକ ବଡ଼ମ୍ବାର ଗାୟକ ଯୁବଜ୍ୟୋତି ସଞ୍ଜୟ କୁମାର ପଣ୍ଡା ଓ ପୁରୀ ପିପିଲିର ଗାୟକ ଅରୁଣ ନାରାୟଣ ସ୍ୱାଇଁଙ୍କ ମଧ୍ୟରେ ବାଦୀପାଲା ହେଉଛି। ରାତି ୮ଟାରୁ ଆରମ୍ଭ ହେଉଥିବା ଏହି ପାଲା ଦେଖିବାକୁ ବହୁ ଲୋକଙ୍କ ସମାଗମ ହେଉଛି। ପାଲା ଦେଖିବା ସହିତ ବାବା ଲିଙ୍ଗେଶ୍ୱର, ମା' ବାଗେଶ୍ୱରୀ, ରାମ ସୀତା ଓ ଶନିଶ୍ଚରଙ୍କ ଦର୍ଶନ ଲାଭ କରି ଭକ୍ତ ଓ ଦର୍ଶକ ବିଭୁକୃପା ଲାଭ କରୁଛନ୍ତି। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ପ୍ରତିଯୋଗିତା ମନୋଭାବ ସଫଳତା ଦେଇଥାଏ: ବିଧାୟିକା

**ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ**

**ବରୀ,୨୦।୫(ଡି.ଏନ.ଏ.):**




ଅତିଥି ଛାତ୍ରୀ ଶ୍ରେୟାଶ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଶିକ୍ଷାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ପ୍ରତିଯୋଗୀଙ୍କ ମନୋଭାବ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରେମ ଡୋରୀରେ ବାନ୍ଧି ହୋଇଥିଲେ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତିଙ୍କ ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥାଏ। ଶନିବାର ଅପରାହ୍ନରେ ବରୀ ବ୍ଲକ୍ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ମାଟ୍ରିକ ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୁନନ୍ଦା ଯୋଗଦେଇ ଏହି ମତ ରଖିଛନ୍ତି। ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲାବେଳେ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ବରୀ ବିଡିଓ ନମିତା ବାରିକ, ତହସିଲଦାର ତିଲୋତମା ପୃଷ୍ଟି, ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଓ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରେୟାଶ୍ରୀ ଶ୍ରେୟ ନେବା କ୍ଷେତ୍ରରେ ନିଜର ଦକ୍ଷତାର ପ୍ରତିପାଦନ କରିଛନ୍ତି ବୋଲି ବିଡିଓ ମତ ରଖିଥିଲେ। ତହସିଲଦାର ପୃଷ୍ଟି ସ୍ୱପ୍ନ ଦେଖିବା ଠିକ୍, ମାତ୍ର ସେହି ସ୍ୱପ୍ନକୁ ସାକାର କରିବାରେ ଯଦି ଛାତ୍ରୀଛାତ୍ର ଉଦ୍ୟମ ଜାରି ରଖନ୍ତି ଆଜି ଯେଭଳି ବରୀ ଅଞ୍ଚଳ ଓଡ଼ିଶା ଶିକ୍ଷା ଇତିହାସରେ ସ୍ଥାନ ପାଇଛି ଆଗାମୀ ଦିନରେ ତାହା ବଳବତ୍ତର ରହିବ ବୋଲି ପ୍ରକାଶ କରିଥିଲେ। ନିଜର କର୍ମ, ନିଷ୍ଠା, ଆଦର୍ଶ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି ଅତିରିକ୍ତ ଜିଲାପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେନ୍ଦ୍ର ସ୍ୱାଇଁ, କୃତିବାସ ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆ, ସଂଯୁକ୍ତା ମିଶ୍ର, ଶିକ୍ଷକ ପ୍ରମୋଦ କୁମାର ଦାସ, ଓଷ୍ଟାର ବ୍ଲକ୍ ସଭାପତି ରବୀନ୍ଦ୍ର ପତି, ମନୋଜ ମଲ୍ଲ, ସାମାଜିକ କର୍ମୀ ବିଷ୍ଣୁ ମହାନ୍ତି, ନକୁଳ ଦାସ, ଷ୍ଟାଲିନ ଜେନା, କୁଶଧ୍ୱଜ ସାମଲ ଓ ସରପଞ୍ଚ ଜଗଦିଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଅଞ୍ଚଳର ସମସ୍ତ ୧୫୩ ଏ-୧ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ବିଧାୟିକା ଦାସ, ବରୀ ଶିକ୍ଷା ମଣ୍ଡଳ ସାଧନକେନ୍ଦ୍ର ଓ ଗଗନ ଜେନା ସ୍ମୃତି କମିଟି ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଶବ୍ଦକୋଷ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି କମିଟି ତରଫରୁ ରାଜକୁମାର ଜେନା ରାଜ୍ୟରେ ପ୍ରଥମ ହୋଇଥିବା ଛାତ୍ରୀ ଶ୍ରେୟାଶୀଙ୍କୁ ୩ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶେଷରେ ରାଉତ ସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ୱଶୁରଙ୍କୁ ହତ୍ୟା ମାମଲା ନିର୍ଦ୍ଦୋଷରେ ଖଲାସ ହେଲେ ବୋହୂ

**ଯାଜପୁର ଟାଉନ/ଯାଜପୁର ରୋଡ୍, ୨୦।୫(ଡି.ଏନ.ଏ.):** ଶ୍ୱଶୁରଙ୍କୁ ବୋହୂ ହତ୍ୟା କରିବା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ରୋଡ୍ ସହକାରୀ ଜିଲା ଦୌରାଜଜ୍ ହୃଷୀକେଶ ଆଚାର୍ଯ୍ୟ ମାମଲାର ବିଚାର କରି ପ୍ରମାଣ ଅଭାବରୁ ବୋହୂଙ୍କୁ ନିର୍ଦ୍ଦୋଷରେ ଖଲାସ କରି ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅଗଷ୍ଟ ୧୬ ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ରଣପାଳ ଗ୍ରାମର ପବନା ହାତୀ(୬୬) ସନ୍ଧ୍ୟାରେ ଘର ବାରଣ୍ଡାରେ ଭଜନକୀର୍ତ୍ତନ କରୁଥିଲେ। ଏହିସମୟରେ ତାଙ୍କ ବୋହୂ ରୂପା ହାତୀ ଏକ ଟାଙ୍ଗିଆ ଯୋଗେ ପବନାଙ୍କ ବେକକୁ ଚୋଟ ମାରିଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଥିବା ପବନାଙ୍କ ସ୍ତ୍ରୀ ଚିତ୍କାର କରିବାରୁ ବୋହୂ ପୁନର୍ବାର ଆଉ ଏକ ଚୋଟ ମାରି ଟାଙ୍ଗିଆକୁ ସେଠାରେ ଫୋପାଡି ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ପବନାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଗଷ୍ଟ ୧୭ରେ ପବନାଙ୍କ ପୁଅ ଉତ୍କଳ ହାତୀ ପାଣିକୋଇଲି ଥାନାରେ ନିଜ ସ୍ତ୍ରୀ ରୂପାଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୦/୨୧ରେ ଏକ ମାମଲା ରୁଜୁ କରିବା ସହ ରୂପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସହକାରୀ ଜିଲା ଦୌରାଜଜ୍ ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୩ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ରୂପାଙ୍କ ପକ୍ଷରୁ ଆଇନଜୀବୀ ପ୍ରବୀର କୁମାର ରାୟ ମକୋଦ୍ଦମା ପରିଚାଳନା କରୁଥିଲେ।

### ଅତିରିକ୍ତ ବ୍ଳକ ଶିକ୍ଷା ଅଧିକାରୀଙ୍କ ପରଲୋକ

**ବାଲିକୁଦା,୨୦।୫(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅତିରକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି(୬୦)ଙ୍କ ଶନିବାର ଅସ୍ୱାଭାବିକ



ମୃତ୍ୟୁ ଘଟିଛି । ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ପକ୍ଷରୁ ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହାନ୍ତିଙ୍କ ପରଲୋକ ଘଟିଛି । ଆସନ୍ତା ଜୁନରେ ସେ ଚାକିରିରୁ ଅବସର ଗ୍ରହଣ କରିଥାନ୍ତେ । ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଲିକୁଦା ଅଞ୍ଚଳ ସମେତ ନିଜ ଜନ୍ମସ୍ଥାନ ବୋରିକିନା ଓ ତିର୍ତ୍ତିରା ଅଞ୍ଚଳରେ ମଧ ଶୋକର ଛାୟା ଖେଳିଯାଇଛି । ମହାନ୍ତି ଜଣେ ମିଷ୍ଟଭାଷୀ, ପରୋପକାରୀ, ଛାତ୍ରାବତ୍ସଳ ଓ ଦକ୍ଷ ଅଧିକାରୀ ଭାବେ ସେ ବାଲିକୁଦା ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ପାର୍ଥିବ ମରଶରୀରକୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆମ୍ବାଶାଳ ନିକଟକୁ ନିଆଯାଇ ଶେଷ ଦର୍ଶନ କରାଯାଇଥିଲା ଓ ପରେ ବୋରିକିନା ଅଞ୍ଚଳରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗ୍ରାମ ଓ ବଜାର ପରିକ୍ରମା କରାଯାଇଥିଲା । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ସୂର୍ଯ୍ୟ ନାରାୟଣ ମହାନ୍ତି ମୁଖାଗ୍ନି ଦେଇଥିଲେ। ଶରତଙ୍କ ମୃତ୍ୟୁରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ରଘୁନନ୍ଦନ ଦାସ, ବରିଷ୍ଠ ଆଇନଜୀବୀ ବୀର ନାରାୟଣ ପାତ୍ର, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବାଲିକୁଦା ବ୍ଲକ ୩ନଂ ଜୋନ୍ ଜିଲା ପରିଷଦ ସଭ୍ୟା ରୁନିଲତା ବେହେରା, ବିଡିଓ ଜିତେନ୍ଦ୍ର ନାୟକ, ବିଇଓ ବାଇଧର ତ୍ରିପାଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଭୂତମୁଣ୍ଡାଇରେ ୫୦ ଶଯ୍ୟାବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ହେବ

**ଜଗତ୍‌ସିଂହପୁର ଅଫିସ, ୨୦।୫**



ଜିଲା ପରିଷଦ ସାଧାରଣ ବୈଠକରେ ଜିଲାପାଳ, ଏମ୍‌ପି, ବିଧାୟକ ଓ ବିଭାଗୀୟ ଅଧିକାରୀମାନେ।

**ଜିଲା ପରିଷଦ, ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି ବୈଠକ**
- ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା କାମ ଉନ୍ନତମାନର କର

ଭୂତମୁଣ୍ଡାଇ ନିକଟରେ ୫୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ହେବ। ଏନେଇ ୫ ଏକର ଜମି ଚିହ୍ନଟ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଅନେକ ଶ୍ରମିକ, କର୍ମଚାରୀ ଓ ସାଧାରଣ ଲୋକେ ଉପକୃତ ହେବେ। ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜଗତ୍‌ସିଂହପୁର ଜିଲା ପରିଷଦର ତୃତୀୟ ସାଧାରଣ ବୈଠକରେ ଏହା କୁହାଯାଇଛି। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅନେକ ପ୍ରସଙ୍ଗ ସ୍ଥାନ ପାଇଥିଲା। ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସିଏଚ୍‌ସି ଓ ପିଏଚ୍‌ସିଗୁଡିକରେ ଥିବା ନିରାମୟ କେନ୍ଦ୍ରରେ ଯେପରି ସମସ୍ତ ପ୍ରକାର ଔଷଧ ଉପଲବ୍ଧ ହେବ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସୁନିଶ୍ଚିତ କରାଇବାକୁ କହିଥିଲେ। ଏହି ଅବସରରେ ତିର୍ତ୍ତୋଲ ଅଞ୍ଚଳର ଜଣେ ୨୨ ବର୍ଷୀୟ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ପ୍ରସଙ୍ଗକୁ ନେଇ ସେ ଦୁଃଖ ପ୍ରକାଶ କରିଥିଲେ । ସେ କହିଥିଲେ ଚିକିତ୍ସା ଅବହେଳାରୁ ଏହି ଯୁବକଙ୍କ ମୃତ୍ୟୁ ଘଟିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ମୁଦୁଲି ନିର୍ଦ୍ଦେଶ ଦେଇଥିଲେ । ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ବାଲିକୁଦା ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାମ ଉନ୍ନତମାନର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଅଗ୍ରଗତି ସମ୍ପର୍କରେ ମତ ଦେଇଥିବା ବେଳେ ସମସ୍ତେ ମିଳିମିଶି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଉପସ୍ଥିତ ଥିଲେ । ଜିଲାପାଳ ପାରୁଲ ପଟୱାରି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ହିତାଧିକାରୀ ଚୟନ ବେଳେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ସାମିଲ କରିବାକୁ କ୍ଷେତ୍ରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ନବୀକରଣ କରିବା ଆବଶ୍ୟକତା ନାହିଁ। ପ୍ରତ୍ୟେକ ରାଶନ କାର୍ଡଧାରୀ କାର୍ଡ ନମ୍ବର ଦେଖାଇ ବିଏସ୍‌କେୱାଇ ଯୋଜନାରେ ସମସ୍ତ ସୁବିଧାସୁଯୋଗ ନେଇପାରିବେ। ଜିଲାରେ ୩ଟି ପର୍ଯ୍ୟାୟରେ ୫-ଟି ଅନ୍ତର୍ଭୁକ୍ତ ୧୯୬ ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଛି। ୪ର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ୫୯ଟି ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଉଥିବା ଜିଲାପାଳ କହିଥିଲେ। ବୈଠକରେ ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ, ଡ୍ରେନେଜ୍, ମହାନଦୀ ଦକ୍ଷିଣ ବିଭାଜନ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ସାଧାରଣ ବଣ୍ଟନ, ବିଦ୍ୟାଳୟ ଓ ଗଣଶିକ୍ଷା, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଯୋଜନା ଓ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା ।

ପରବର୍ତ୍ତୀ ସମୟରେ ଜଗତ୍‌ସିଂହପୁର ଜିଲା ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ଏମ୍‌ପି ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲ। ବୈଠକରେ ସରକାରୀ ମୁଖ୍ୟ ସଚେତକ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ଦାସ, ପାରାଦୀପ ବିଧାୟକ ରାଉତରାୟ, ତିର୍ତ୍ତୋଲ ବିଧାୟକ ଦାସ, ଜିଲା ପରିଷଦ ସଭାପତି ଭୋଇ, ଜିଲାପାଳ ପଟୱାରି ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା, ରାଷ୍ଟ୍ରୀୟ କୃଷି ବିକାଶ, ମୃତ୍ତିକା ହେଲ୍ଥକାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଆଦି ଯୋଜନା ସମେତ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉଭୟ ବୈଠକରେ ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧକ୍ଷ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ବରୀ,୨୦।୫(ଡି.ଏନ.ଏ.):**

ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ଗାନ୍ଧୀ ରୋଡ୍ ନିକଟରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରକ୍ତତୀର୍ଥ ହେଉଛି ବରୀ। ଭାରତ ମାତାର ସ୍ୱାଧୀନତା ପାଇଁ ବରୀ ଅଞ୍ଚଳର ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଶହୀଦ ହୋଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତ ତୀର୍ଥଭାବେ ପରିଚିତ କଳାମାଟିଆଠାରେ ନିର୍ମାଣ ହୋଇଛି ସ୍ମୃତିସ୍ତମ୍ଭ। ଇତିହାସର ଗାଥା ବହନ କରୁଥିବା ଏହି ସ୍ମୃତିସ୍ତମ୍ଭର ଅକୁହା କଥା ସତେଯେମିତି ଅଞ୍ଚଳର ଯୁବକଙ୍କୁ ସୈନ୍ୟବାହିନୀରେ ଯୋଗଦେବା କ୍ଷେତ୍ରରେ ପ୍ରେରଣାର ଉତ୍ସ ପାଲଟିଛି। ଏଠାରେ ଅନେକ ବ୍ୟକ୍ତି ସୈନ୍ୟବାହିନୀରେ ଯୋଗଦେଇ ଅବସର ନେବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟ କରୁଛନ୍ତି। କେତେବେଳେ ଦୁଃଖୀ ଦରିଦ୍ରଙ୍କ ସେବା ତ କେତେବେଳେ ରୋଗଗ୍ରସ୍ତଙ୍କ ପାଖରେ ପହଞ୍ଚି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମାଆ, ମାଟି, ମାତୃଭାଷାକୁ ସମ୍ମାନ ଦେଉଥିବା ଏହି ସେନା କର୍ମଚାରୀଙ୍କୁ ସବୁବେଳେ ମୋର ଚିର ନମସ୍ୟ। ତେବେ ଆଗାମୀ ଯୁବପିଢ଼ି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଲେ ଏହା ମା'ମାଟିର ସେବା ବୋଲି ଧରି ନେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମଦନମୋହନ ପତି ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କୁଞ୍ଜବିହାରୀ ଦାଶ, ସମ୍ମାନିତ ଅତିଥି ଭାବେ ନୃସିଂହ ସ୍ୱାଇଁ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ଓ ଆର୍ତ୍ତବନ୍ଧୁ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଗଗନ ଖୁଣ୍ଟିଆ, ଗୋଲଖ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଘଡ଼ାଇ, ଉପସଭାପତି ଗୟାଧର ଦାସ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ରାଉତ, ସମ୍ପାଦକ କବିର ଦାସ ଓ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ରୁ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

**ଯାଜପୁରଟାଉନ,୨୦।୫ (ଡି.ଏନ.ଏ.):** ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୨୨ରୁ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ଯାଜପୁର ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ଦାମୋଦର ରଥଙ୍କ ଅଧକ୍ଷତାର ଜିଲା କୋର୍ଟରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁହାଯାଇଛି ଯେ, ଏହି ଅଭିଯାନରେ ଦିବ୍ୟାଙ୍ଗମାନେ କିପରି ସେମାନଙ୍କ ନ୍ୟାଯ୍ୟ ଅଧିକାର ପାଇପାରିବେ, ସେଥି ନିମନ୍ତେ ପାରାଲିଗାଲ ସ୍ୱେଚ୍ଛାସେବୀ, ପ୍ୟାନେଲ ଓକିଲ, ଜିଲାର ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ଏନଜିଓମାନଙ୍କୁ ନିୟୋଜିତ କରାଯାଇଛି। ଜିଲାର ଦିବ୍ୟାଙ୍ଗମାନେ ଏହି ଅଭିଯାନର ସୁଯୋଗ ନେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଯୋଗାଯୋଗ କରିପାରିବ ବୋଲି ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ସୂଚନା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ନିଶୁଳ୍କ ସହାୟତା ନଂ.୧୮୦୦୩୪୫୬୭୫୭୧ର ମଧ ବ୍ୟବସ୍ଥା କରାଯାଇଛି।

### ଗ୍ରାମ୍ୟ କୋର୍ଟରେ ନୂତନ ବିଚାରପତିଙ୍କ ଦାୟିତ୍ୱ ଗ୍ରହଣ

**ରଘୁନାଥପୁର,୨୦।୫(ଡି.ଏନ୍.ଏ.)** ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟର ନୂତନ ବିଚାରପତି ଭାବେ ତନ୍ୱୀ ରଥ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଆଇନଜୀବୀ ଦୋଳଗୋବିନ୍ଦ ମହାପାତ୍ର, ଅନିଲ କୁମାର ଖଟୁଆ, ଅମିୟ ମହାପାତ୍ର, ରମେଶ ଆଚାର୍ଯ୍ୟଙ୍କ ସହ କୋର୍ଟର କର୍ମଚାରୀମାନେ ରଥଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୂର୍ବରୁ ଏଠାରେ ଅବସ୍ଥାପିତ ଥିବା ସୁମିତ୍ରା ବିଶ୍ୱାଳଙ୍କୁ ଭବାନୀପାଟଣା ବଦଳି କରିଦିଆଯାଇଛି।

# 'ପ୍ରତିଯୋଗିତା ମନୋଭାବ ସଫଳତା ଦେଇଥାଏ'

**ବରୀ,୨୦।୫(ଡି.ଏନ.ଏ.):**

ଶିକ୍ଷାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ପ୍ରତିଯୋଗୀଙ୍କ ମନୋଭାବ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରେମ ଡୋରୀରେ ବାନ୍ଧି ହୋଇଥିଲେ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତିଙ୍କ ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥାଏ। ଶନିବାର ଅପରାହ୍ନରେ ବରୀ ବ୍ଲକ୍ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ମାଟ୍ରିକ ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୁନନ୍ଦା ଯୋଗଦେଇ ଏହି ମତ ରଖିଛନ୍ତି। ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲାବେଳେ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ବରୀ ବିଡିଓ ନମିତା ବାରିକ, ତହସିଲଦାର ତିଳୋତମା ପୃଷ୍ଟି, ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଓ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରେୟଶ୍ରୀ ଶ୍ରେୟ ନେବା କ୍ଷେତ୍ରରେ ନିଜର ଦକ୍ଷତାର ପ୍ରତିପାଦନ କରିଛନ୍ତି ବୋଲି ବିଡିଓ ମତ ରଖିଥିଲେ। ତହସିଲଦାର ପୃଷ୍ଟି ସ୍ୱପ୍ନ ଦେଖିବା ଠିକ୍, ମାତ୍ର ସେହି ସ୍ୱପ୍ନକୁ ସାକାର କରିବାରେ ଯଦି ଛାତ୍ରୀଛାତ୍ର ଉଦ୍ୟମ ଜାରି ରଖନ୍ତି ଆଜି ଯେଭଳି ବରୀ ଅଞ୍ଚଳ ଓଡ଼ିଶା ଶିକ୍ଷା ଇତିହାସରେ ସ୍ଥାନ ପାଇଛି ଆଗାମୀ ଦିନରେ ତାହା ବଳବତ୍ତର ରହିବ ବୋଲି ପ୍ରକାଶ କରିଥିଲେ। ନିଜର କର୍ମ, ନିଷ୍ଠା, ଆଦର୍ଶ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି ଅତିରିକ୍ତ ଜିଲାପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେନ୍ଦ୍ର ସ୍ୱାଇଁ, କୃତିବାସ ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆ, ସଂଯୁକ୍ତା ମିଶ୍ର, ଶିକ୍ଷକ ପ୍ରମୋଦ କୁମାର ଦାସ, ଓଷ୍ଟାର ବ୍ଲକ୍ ସଭାପତି ରବୀନ୍ଦ୍ର ପତି, ମନୋଜ ମଲ୍ଲ, ସାମାଜିକ କର୍ମୀ ବିଷ୍ଣୁ ମହାନ୍ତି, ନକୁଳ ଦାସ, ଷ୍ଟାଲିନ ଜେନା, କୁଶଧ୍ୱଜ ସାମଲ ଓ ସରପଞ୍ଚ ଜଗଦିଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଅଞ୍ଚଳର ସମସ୍ତ ୧୫୩ ଏ-୧ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ବିଧାୟିକା ଦାସ, ବରୀ ଶିକ୍ଷା ମଣ୍ଡଳ ସାଧନକେନ୍ଦ୍ର ଓ ଗଗନ ଜେନା ସ୍ମୃତି କମିଟି ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଶବ୍ଦକୋଷ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି କମିଟି ତରଫରୁ ରାଜକୁମାର ଜେନା ରାଜ୍ୟରେ ପ୍ରଥମ ହୋଇଥିବା ଛାତ୍ରୀ ଶ୍ରେୟାଶୀଙ୍କୁ ୩ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶେଷରେ ରାଉତ ସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ।




ଛାତ୍ରୀ ଶ୍ରେୟାଶ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# ବାବା ଲିଙ୍ଗେଶ୍ୱର ପୀଠରେ ବାଦୀପାଲା

**ପାଣିକୋଇଲି,୨୦।୫(ଡି.ଏନ.ଏ.):**

ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ପୀଠରେ ବାଦୀପାଲା ଚାଲୁ ରହିଛି। ଏହା ୧୯ ତାରିଖରୁ ଆରମ୍ଭ ହୋଇଛି। ୨୧ ତାରିଖରେ ଶେଷ ହେବ। କଟକ ବଡ଼ମ୍ବାର ଗାୟକ ଯୁବଜ୍ୟୋତି ସଞ୍ଜୟ କୁମାର ପଣ୍ଡା ଓ ପୁରୀ ପିପିଲିର ଗାୟକ ଅରୁଣ ନାରାୟଣ ସ୍ୱାଇଁଙ୍କ ମଧ୍ୟରେ ବାଦୀପାଲା ହେଉଛି। ରାତି ୮ଟାରୁ ଆରମ୍ଭ ହେଉଥିବା ଏହି ପାଲା ଦେଖିବାକୁ ବହୁ ଲୋକଙ୍କ ସମାଗମ ହେଉଛି। ପାଲା ଦେଖିବା ସହିତ ବାବା ଲିଙ୍ଗେଶ୍ୱର, ମା' ବାଗେଶ୍ୱରୀ, ରାମ ସୀତା ଓ ଶନିଶ୍ଚରଙ୍କ ଦର୍ଶନ ଲାଭ କରି ଭକ୍ତ ଓ ଦର୍ଶକ ବିଭୁକୃପା ଲାଭ କରୁଛନ୍ତି। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ବିରିଡି, ୨୦।୫(ଡି.ଏନ୍.ଏ)**

ବିରିଡି ବ୍ଲକ ଅନ୍ତର୍ଗତ ମଙ୍ଗୁଲି ପଞ୍ଚାୟତର ଶଙ୍ଖାରିସାହିସ୍ଥିତ ମଦନ ମୋହନ ଯଜ୍ଞ ମଣ୍ଡପ, ମଦନ ମୋହନ ଲାଇବ୍ରେରି ଗୃହ ଶନିବାର ଉଦ୍‌ଘାଟନ ହୋଇଯାଇଛି। ସେହିପରି ମଙ୍ଗୁଲିସ୍ଥିତ ମା' ବରୁଣେଇ ପୀଠସ୍ଥଳୀର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଦ୍ୱାରା ଏସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ, ନବୀନ ବାବୁଙ୍କ ସ୍ୱଚ୍ଛ ନିର୍ମଳ ଶାସନରେ ବିକାଶର ଧାରା ଜାରିରହିବ । ଆଗାମୀ ଦିନରେ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ସରପଞ୍ଚ ଆଇନଜୀବୀ ନିରଞ୍ଜନ ସେଠୀ, ସମିତିସଭ୍ୟା ଲିଲିମା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ମଦନମୋହନ ଯଜ୍ଞ ମଣ୍ଡପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ବିଜୟ ଶଙ୍କର ଦାସ ଓ ଅନ୍ୟମାନେ।

# ଆଲୋକୀକରଣ ଯୋଜନା ପ୍ରହସନ ପାଲଟିଛି

**ନାଉଗାଁ,୨୦।୫(ସ୍ୱ.ପ୍ର.)**

- ବିଭିନ୍ନ ପଞ୍ଚାୟତରେ ନିମ୍ନମାନର ଲାଇଟ୍ ଲାଗିଛି
- ବ୍ଲକ ପ୍ରଶାସନ ଦେଉନାହିଁ ତଥ୍ୟ
- ଜିଲାପାଳଙ୍କୁ ଭୁଲ୍ ରିପୋର୍ଟ ଦିଆଯାଇଥିବା ଅଭିଯୋଗ

ଗାଁ ଗହଳି ରାସ୍ତାକୁ ଆଲୋକୀକରଣ କରିବା ପାଇଁ ସରକାରଙ୍କ ତରଫରୁ ନାଉଗାଁ ବ୍ଲକରେ ଆଲୋକୀକରଣ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନା ମାଧ୍ୟରେ ପ୍ରତ୍ୟେକ ଗ୍ରାମର ରାସ୍ତା ପାର୍ଶ୍ୱ, ଗାଁ ଦାଣ୍ଡ ଆଦିରେ ଉଜ୍ଜ୍ୱଳ ଆଲୋକ ଲଗାଯିବାର ନିୟମ ରହିଛି। କିନ୍ତୁ ଉକ୍ତ ଲାଇଟ କିଏ ଲଗାଇଛି ଓ ଏହାର ତଦାରଖ ଦାୟିତ୍ୱ କାହା ଉପରେ ଅଛି ସେ ବିଷୟରେ ବ୍ଲକ ପ୍ରଶାସନ ପକ୍ଷରୁ ତଥ୍ୟ ମିଳୁ ନାହିଁ। ସୂଚନା ଅଧିକାର ଆଇନ ବଳରେ ଉକ୍ତ ତଥ୍ୟ ମାଗିଲେ ଏହା ଜିଲା ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟାଳୟରୁ ମିଳିପାରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଉତ୍ତର ଦିଆଯାଇଛି। ଅପରପକ୍ଷେ ଏସବୁ ଲାଇଟ ଲାଗିବାର ମାତ୍ର ୨ରୁ ୩ ମାସ ମଧ୍ୟରେ ଅଧିକାଂଶ ଅଚଳ ହୋଇଯାଇଛି। କିନ୍ତୁ ସେଗୁଡ଼ିକୁ ସଜଡା ଯାଉ ନ ଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜଣେ ସାମାଜିକ କର୍ମୀ ୧୩ ମାର୍ଚ୍ଚ ୨୦୨୩ରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ନାଉଗାଁ ଚିଠି (ନଂ.୧୨୨୯/୧୮) ଏପ୍ରିଲ ୨୦୨୩ରେ ତତ୍କାଳୀନ ବିଡିଓ ରଶ୍ମିରେଖା ମଲ୍ଲିକ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି, ଜିପିଓଙ୍କ ରିପୋର୍ଟଅନୁସାରେ ଅଚଳ ହୋଇଯାଇଥିବା ଲାଇଟ୍‌ଗୁଡ଼ିକୁ ମରାମତି କରାଯାଇ ଠିକ୍ ସ୍ଥାନରେ ଲଗାଯାଇଛି। ମାତ୍ର ଜିଲାପାଳଙ୍କୁ ଭୁଲ୍ ରିପୋର୍ଟ ଦିଆଯାଇଛି ବୋଲି ଅଭିଯୋଗ କରିଥିବା ସାମାଜିକ କର୍ମୀ ସୂଚନା ଦେଇଛନ୍ତି। କାରଣ ଏହି ରିପୋର୍ଟ ଦିଆଯିବା ପରେ ୧୬ ମେ'ରେ ପୁନର୍ବାର ଜନଶୁଣାଣିରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜାମୁଗାଁ ପଞ୍ଚାୟତର ଓାର୍ଡ ନଂ. ୧, ୧୨, ୩ରେ ବିଭନ୍ନ ସ୍ଥାନରେ ଲାଇଟ୍ ଅଚଳ ହୋଇଯାଇଥିବା ନେଇ ସ୍ଥାନୀୟ ସାମାଜିକ କର୍ମୀ ଅନୁପ ମହାନ୍ତି ଅଭିଯୋଗ କରିଥିଲେ। କେବଳ ଏହି ପଞ୍ଚାୟତ ନୁହେଁ ବ୍ଲକର ୧୬ ପଞ୍ଚାୟତରେ ଏଭଳି ସମାନ ଅବସ୍ଥା ଦେଖିବାକୁ ମିଳିଛି। କିଛି ସ୍ଥାନରେ ନିମ୍ନମାନର ଲାଇଟ୍ ଲାଗିଥିବାବେଳେ ଆଉ କିଛି ସ୍ଥାନରେ ଲଗା ନ ଯାଇ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏବିଷୟରେ ଜିପିଓ ଦିନେଶ ରାୟଙ୍କୁ ପଚାରିବାରେ, ଅଚଳ ହୋଇ ଯାଇଥିବା ଲାଇଟକୁ ସଜାଡିବା ପାଇଁ ସରପଞ୍ଚମାନଙ୍କୁ କୁହାଯାଇଛି ବୋଲି କହିଛନ୍ତି। ତେବେ ଜିଲାପାଳଙ୍କୁ କାହିଁକି ଭୁଲ୍ ରିପୋର୍ଟ ଦିଆଯାଇଛି ସେ ସମ୍ପର୍କରେ କୌଣସି ଉତ୍ତର ମିଳିପାରି ନାହିଁ। ଇତିମଧ୍ୟରେ ବିଡିଓ ମଲ୍ଲିକଙ୍କ ବଦଳି ହୋଇଯାଇଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୧ ମେ, ୨୦୨୩



# ମୁଖ୍ୟ ଶାସନ ସଚିବ, ଡିଜିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯୁବକଙ୍କୁ ପିଟି ହତ୍ୟା ପ୍ରସଙ୍ଗ**

- ପୁଣି ରିପୋର୍ଟ ଦେବେ ଜିଲାପାଳ,ଏସ୍‌ପି
- ପୀଡ଼ିତ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦାବି

**ଖୋର୍ଦ୍ଧା ଅଫିସ,୨୦।୫**

ତଦନ୍ତ ଆଳରେ ବନ କର୍ମଚାରୀ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିବା ନେଇ ୨୦୨୦ ଅକ୍ଟୋବର ୧୩ରେ ଖୋର୍ଦ୍ଧା ଜିଲା ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ଆସନ୍ତା ଜୁନ୍ ୨୪ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ୱେବ୍‌ସାଇଟ, ଅଫିସିଆଲ ମେଲ୍-ଆଇଡି କିମ୍ବା ସ୍ପିଡ୍‌ପୋଷ୍ଟ ଜରିଆରେ ରିପୋର୍ଟ ଦାଖଲ କରିପାରିବେ। ଅନ୍ୟପକ୍ଷେ କମିଶନ ଖୋର୍ଦ୍ଧା ଜିଲାପାଳ, ଏସ୍‌ପି ଏବଂ ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୪ ସପ୍ତାହ ମଧ୍ୟରେ ପୁଣିଥରେ ସବିଶେଷ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବେ। ଏହାର ନକଲ ମୁଖ୍ୟ ଶାସନ ସଚିବ ଏବଂ ଡିଜିଙ୍କ ନିକଟକୁ ପଠାଇବେ। ଏଥିରେ ଖିଲାପ ହେଲେ ପିଏଚ୍‌ଆର ଆକ୍ଟ ୧୯୯୩ ଅନୁସାରେ କମିଶନଙ୍କ ନିକଟରେ ବ୍ୟକ୍ତିଗତ ହାଜର ଲାଗି ନିର୍ଦ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା, ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମାନବାଧିକାର କର୍ମୀ ଜୟନ୍ତ ଦାଶ।

ପ୍ରକାଶ ଯେ, ୨୦୨୦ ଅକ୍ଟୋବର ୧୩ ସନ୍ଧ୍ୟାରେ ବାଲୁଗାଁ ବନାଞ୍ଚଳ ଟାମଣା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମଇଁଷିଗୋଠ ନିକଟରେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ଗୋଳଗାଁର ବଳଭଦ୍ର ବେହେରା ଓରଫ୍ ଟିଙ୍କିଙ୍କ ସହ କେତେଜଣ ବ୍ୟକ୍ତି ଗଛ କାଟୁଥିବା ନେଇ ସ୍ଥାନୀୟ ବନ କର୍ମଚାରୀ ସୂଚନା ପାଇଥିଲେ। ଧୂଆଁନଳି ଫରେଷ୍ଟ ବିଟ୍ ହାଉସ୍‌ର କର୍ମଚାରୀମାନେ ପହଞ୍ଚି ଚଢ଼ାଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି କେତେଜଣ ବ୍ୟକ୍ତି ସେଠାରୁ ଦୌଡ଼ ପଳାଇଥିଲେ। ବଳଭଦ୍ର ଗଛ ଉପରେ ଚଢ଼ି ଗଛ କାଟୁଥିବା ବେଳେ ବନ କର୍ମଚାରୀ ତାଙ୍କୁ କାବୁକରି କାର୍ଯ୍ୟାଳୟକୁ ନେଇଥିଲେ। ବିଳମ୍ବିତ ରାତିରେ ବଳଭଦ୍ର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ନିକଟ ନୀଳାଦ୍ରିପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଣପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରଦିନ ଅପରାହ୍ନରେ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ଡାକ୍ତରଖାନାରେ ପହଞ୍ଚିଥିଲେ। ମୃତ ବଳଭଦ୍ରଙ୍କ ଶରୀରରେ କ୍ଷତଚିହ୍ନ ଥିବା ଦେଖି ବନ କର୍ମଚାରୀମାନେ ତାଙ୍କୁ ମାଡ଼ମାରି ହତ୍ୟା କରିଥିବା ସ୍ତ୍ରୀ ପ୍ରତିମା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିମାଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୩୦୨/୩୪ ଆଇପିସିରେ ଏକ ମାମଲା (ନଂ.୩୧୯/୨୦) ରୁଜୁ ହୋଇଥିଲା।

ଏନେଇ ମାନବାଧିକାର କର୍ମୀ ଜୟନ୍ତ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ଆଳରେ ବନ କର୍ମଚାରୀଙ୍କ ଅକଥନୀୟ ମାଡ଼(ଥାର୍ଡ ଡିଗ୍ରୀ) ଯୋଗୁ ବନ କାର୍ଯ୍ୟାଳୟ ପରିସରରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହାକୁ ଏନ୍‌ଏଚ୍‌ଆରସି ଗୁରୁତର ସହ ନେଇଥିଲେ। ଖୋର୍ଦ୍ଧା ଜିଲାପାଳ, ଏସ୍‌ପି ଏବଂ ମୁଖ୍ୟ ବନ ସଂରକ୍ଷକ ରିପୋର୍ଟ ଦାଖଲ କରିଥିଲେ। ତେବେ ରିପୋର୍ଟ ଉପରେ ଅଭିଯୋଗକାରୀଙ୍କ ପକ୍ଷରୁ କୌଣସି ଆପତ୍ତି ଅଭିଯୋଗ କମିଶନଙ୍କ ନିକଟରେ ପହଞ୍ଚି ନ ଥିଲା। ଏନେଇ ଅଭିଯୋଗକାରୀ(ମାନବାଧିକାର କର୍ମୀ) ଦାଶ ନିଜ ମତ ରଖିବାରେ ବିଳମ୍ବ ଲାଗି କମିଶନଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଥିଲେ। ଏଥିସହ ଜିଲାପାଳ ଏବଂ ଏସ୍‌ପିଙ୍କ ରିପୋର୍ଟରେ ସନ୍ତୁଷ୍ଟ ନ ଥିବା ନେଇ ଗତ ୧୭ ତାରିଖ(ବୁଧବାର)ରେ ପୁଣି ଏକ ଅଭିଯୋଗ ଦାଖଲ କରିଛନ୍ତି। ଏଥିରେ ସେ ମୃତଦେହ ବ୍ୟବଚ୍ଛେଦର ଭିଡିଓ ରେକର୍ଡିଂ, ମେଡିକାଲ ଅଫିସରଙ୍କ ମୃତ ଘୋଷଣାନାମା, ଭିସାରା ଓ ଏଫ୍‌ଏସ୍‌ଏଲ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ ତଥା ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଦାଶ କମିଶନଙ୍କୁ ପ୍ରାର୍ଥନା କରିଛନ୍ତି।

## ସଂକ୍ଷେପରେ

### ଗହଣା,ଟଙ୍କା ନେବା ପରେ ଯୁବକଙ୍କୁ ଆକ୍ରମଣ

**ଓଡ଼ଗାଁ,୨୦।୫(ସ୍ୱ.ପ୍ର.):** ଆଦର୍ଶଥାନା ଅଧୀନ ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡ, ପିଠି,ଆଖି ଏବଂ ଦୁଇ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଓଡ଼ଗାଁ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣେ ମହିଳା ସମ୍ପୃକ୍ତ ଯୁବକଙ୍କଠାରୁ ଗହଣା ଓ ନଗଦ ଟଙ୍କା ନେବା ପରେ ତାଙ୍କ ସ୍ୱାମୀ ଓ ଭାଇ ମିଶି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏ ସଂକ୍ରାନ୍ତରେ ନାନା କଥା ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ଧଖୋଲା ଗ୍ରାମ ଉପରସାହିର ଜିତେନ୍ଦ୍ର ଚଣ୍ଡଙ୍କ ମାଆଙ୍କ ଆଜକୁ ୧ ବର୍ଷ ତଳେ ପରଲୋକ ଘଟିଥିଲା। ସେବେଠାରୁ ଜିତେନ୍ଦ୍ର ସେହି ଗ୍ରାମର ସମ୍ପର୍କୀୟ ଟୁକୁନା ନାୟକଙ୍କ ଘରେ ରହୁଥିଲେ। ଜିତେନ୍ଦ୍ରଙ୍କ ବାହାଘର ପାଇଁ ତାଙ୍କ ମାଆ ରଖି ଯାଇଥିବା ସୁନାଗହଣା ଓ ୩୫ ହଜାର ଟଙ୍କା ସେ ଟୁକୁନା ନାୟକଙ୍କ ସ୍ତ୍ରୀ କାଜଲ ନାୟକଙ୍କୁ ଦେଇଥିବା ଜିତେନ୍ଦ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଶନିବାର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଓ ଭାଇ ମିଶି ଜିତେନ୍ଦ୍ରଙ୍କୁ କଟୁରୀରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ତାଙ୍କୁ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତରହେବାରୁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଜିତେନ୍ଦ୍ରଙ୍କ ବାପା ଭାଗବତ ଚଣ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ମନ୍ଦିର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା

**ଦଶପଲ୍ଲା,୨୦।୫(ଡି.ଏନ୍.ଏ.):** ଶନିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦେଢ଼ଶର ଗ୍ରାମରେ ଥିବା ଶ୍ରୀ କପିଳେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଆରମ୍ଭ ହୋଇଛି। ଏଥି ନିମନ୍ତେ ଦୁର୍ଗା ବଜାରସ୍ଥିତ କୁଆଁରିଆ ନଦୀରୁ କଳସରେ ଜଳ ଧରି ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ , ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ପ୍ରଥମ ଦିବସରେ ସୂର୍ଯ୍ୟ ପୂଜା, ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ନାମ ସଂକୀର୍ତ୍ତନ,ହୋମ, ଯଜ୍ଞ ଚାଲୁ ରହିଛି। ୩ ଦିନ ଧରି ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ବରଗଛ ଭିତରେ ବିଦ୍ୟୁତ୍ ତାର

**ନୟାଗଡ଼ ଅଫିସ,୨୦।୫:** ନୟାଗଡ଼ ସହର ୧୪ ନଂ. ୱାର୍ଡ ଯଦୁମଣିନଗରରେ ବରଗଛ ଭିତର ଦେଇ ବିଦ୍ୟୁତ୍ ତାର ଯାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ବରଗଛର ଡାଳ ହଣା ଯାଉନାହିଁ କି ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉନାହିଁ। ଅଘଟଣକୁ ଏଡାଇବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ଉପଭୋକ୍ତା ଏନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ୩ କେଜି ଜଙ୍ଗଲୀ ମାଂସ ଜବତ, ଅଭିଯୁକ୍ତ ଫେରାର

**ଓଡ଼ଗାଁ/ନୂଆଗାଁ, ୨୦।୫(ଡି.ଏନ.ଏ.)**

ନୂଆଗାଁ ବ୍ଲକ ଓଡ଼ଗାଁ ବନାଞ୍ଚଳ ବାହାଡ଼ାଖୋଲା ବନ ବିଭାଗ କର୍ମଚାରୀମାନେ ବେରୁହାଁବାରୀ ପଞ୍ଚାୟତ ମଣିଆକୋଟ ଅଞ୍ଚଳରେ ଶନିବାର ଚଢାଉ କରି ୩ କେଜି ଜଙ୍ଗଲି ମାଂସ ଜବତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ସୂଚନା ଅନୁଯାୟୀ, ବେରୁହାଁବାରି ପଞ୍ଚାୟତ ମଣିଆକୋଟ ଗ୍ରାମ ନିକଟରେ ଥିବା ନିଛାଟିଆ ସ୍ଥାନରେ ବନ୍ୟଜନ୍ତୁ ମାଂସରେ ଭୋଜି ଚାଲିଥିଲା। ବାହାଡ଼ାଖୋଲା ବନ ବିଭାଗ ସୂଚନା ପାଇ ସେହି ସ୍ଥାନରେ ଚଢ଼ାଉ କରିଥିଲା। ସେଠାରୁ ୩ କେଜି କଞ୍ଚା ଜଙ୍ଗଲୀ ମାଂସ ସହ କିଛି ରନ୍ଧା ମାଂସ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଖସି ପଳାଇଥିବା ବାହାଡାଖୋଲା ଫରେଷ୍ଟର ସନାତନ ସ୍ୱାଇଁ ସୂଚନା ଦେଇଛନ୍ତି। ଜବତ ମାଂସକୁ ବାହାଡ଼ାଖୋଲା ଓ କାପ୍ତାପଲୀ ସରପଞ୍ଚଙ୍କ ଉପସ୍ଥିତିରେ ପୋତି ଦିଆଯାଇଛି।

## ଜିଲାସ୍ତରୀୟ ଓପନ ଚେସ୍ ଉଦ୍‌ଘାଟିତ



ପ୍ରତିଯୋଗିତାରେ ସାମିଲ ହୋଇଥିବା ଚେସ୍ ଖେଳାଳୀ।

**ନୟାଗଡ଼ ଅଫିସ,୨୦।୫**

ନୟାଗଡ଼ ଜିଲା ଚେସ୍ ଆସୋସିଏଶନ ଏବଂ କେସି କ୍ଲବର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ଓପନ ଚେସ ଟୁର୍ନାମେଣ୍ଟ ସ୍ଥାନୀୟ କେସି କ୍ଲବଠାରେ ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଶନ ସଭାପତି ଶ୍ରୀଧର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦାନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେସ୍ ଆସୋସିଏଶନ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, କେସି କ୍ଲବ ସମ୍ପାଦକ ସଂଗ୍ରାମ ଗୁମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ରାମକୃଷ୍ଣ ରଥ ଏବଂ ତରୁଣ ଖାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟକୁ ଆର୍ବିଟର ସନ୍ତୋଷ ମହାପାତ୍ର ପରିଚାଳନା କରୁଥିବା ବେଳେ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ କୋଷାଧ୍ୟକ୍ଷ ତରୁଣ ଖାଁ, ସଦସ୍ୟ ସ୍ୱଦେଶ ରଥ, ଲକ୍ଷ୍ମୀଧର ସାହୁ, ରିତେଶ ରଥ, ବାଲାରସେନ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।

## ୨ ବାଇକ୍ ଧକ୍କା, ପିଇଓ ମୃତ

**ଆଟେଣ୍ଡାଣ୍ଟ ଗୁରୁତର**

**ନୟାଗଡ଼ ଅଫିସ/ ରଣପୁର,୨୦।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ନିକଟସ୍ଥ ନୂଆ ଜଗନ୍ନାଥ ସଡ଼କରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ବାଇକ୍‌ର ଚାଳକ ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଗୀତିକା ରଞ୍ଜନ ଷଡ଼ଙ୍ଗୀ (୪୫) ପ୍ରାଣ ହରାଇଥିବାବେଳେ ଅନ୍ୟ ବାଇକ ଚାଳକ ଦର୍ପନାରାୟଣପୁର ପ୍ରାଣୀ ଚିକିତ୍ସାଳୟର ଆଟେଣ୍ଡାଣ୍ଟ ମନୋରଞ୍ଜନ ଦାସ(୫୫) ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନା ପଠାଯାଇଛି। ରଣପୁର ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ପିଇଓ ଗୀତିକା ନିଜ ଘର ରଣପୁର ଥାନା କେନ୍ଦୁବଣିଆ ଗାଁରୁ ବାଇକ୍ ଯୋଗେ ମଧ୍ୟଖଣ୍ଡକୁ ଯାଉଥିଲେ। ଦର୍ପନାରାୟଣପୁର ପ୍ରାଣୀ ଚିକିତ୍ସାଳୟର ଆଟେଣ୍ଡାଣ୍ଟ ମନୋରଞ୍ଜନ ଦାସ ନିଜ ବାଇକ ଯୋଗେ ବାପୁଜୀପଲ୍ଲୀରୁ ଗୋ ଚିକିତ୍ସା କରାଇ ନିଜ ଘର ଦର୍ପନାରାୟଣପୁରକୁ ଫେରୁଥିଲେ। ଉଭୟ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପିଇଓଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଚୋରି କମ୍ପ୍ୟୁଟର ଉଦ୍ଧାର, ୭ ନାବାଳକଙ୍କ ସମ୍ପୃକ୍ତି

**ଫୁଲବାଣୀ ଅଫିସ, ୨୦।୫**

ଅଫିସ,୨୦।୫(ଡି.ଏନ୍.ଏ.)-ଗତ କିଛି ଦିନ ତଳେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଚୋରି ହୋଇଥିବା କମ୍ପ୍ୟୁଟର ଓ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ଉଦ୍ଧାର କରିଛି ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୭ ନାବାଳକ ଧରାପଡିଛନ୍ତି। ସେମାନଙ୍କୁ ବାଳ ନ୍ୟାୟିକ ସମିତିରେ ହାଜର କରାଯାଇଛି। ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଦୁଇଟି କମ୍ପ୍ୟୁଟର, ମନିଟର ଓ କି ବୋର୍ଡ ଆଦି ଜବତ ହୋଇଛି। ଏ ସବୁ ସାମଗ୍ରୀ ଶୁଣ୍ଠିଗାଁ ଓ ଫିରିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚୋରି ହୋଇଥିଲା। ଏଥିସହ ମାଶିରପଡ଼ା ଛକର ଏକ ତେଜରାତି ଦୋକାନରୁ ଚୋରି ହୋଇଥିବା ଜିନିଷ ମଧ୍ୟ ଜବତ ହୋଇଛି। ନାବାଳକମାନେ ସ୍କୁଲ ଓ ଦୋକାନ ଘର ତାଲା ଭାଙ୍ଗି ଚୋରି କରିଥିଲେ। ଏ ନେଇ ନଂ. ୭୧,୮୨,୮୩/୨୩ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି।

## ବଞ୍ଜାରୁଣୀ ମନ୍ଦିରରୁ ଚୋରି ମାମଲାରେ ୨ ଗିରଫ

**ଜୟପୁର, ୨୦।୫ (ନି.ପ୍ର.)**

ଜୟପୁର ସହରର ଗୋପବନ୍ଧୁନଗରରେ ଥିବା ବଞ୍ଜାରୁଣୀ ମନ୍ଦିରରୁ ଚୋରି ମାମଲାରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଧରିଛି। ସେମାନେ ହେଲେ ହେଲେ ଓଡ଼ିଆ ମେଦ୍ରିସାହିର ହରି ନାୟକ (୨୦), ବିଶାଳ ନାଗ (୧୯)। ଜଣେ ନାବାଳକଙ୍କ ଏଥିରେ ସମ୍ପୃକ୍ତି ଥିବାରୁ ତାଙ୍କୁ ଧରିବା ପରେ ପୋଲିସ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରିଛି। ଗୋପବନ୍ଧୁନଗରର ଏହି ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ କିଛି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା।

## ଯନ୍ତ୍ରୀଙ୍କ ବଦଳରେ କାମ କରୁଛନ୍ତି ଅଣ କର୍ମଚାରୀ

**ବିଡିଓଙ୍କ ନିର୍ଦ୍ଦେଶକୁ ବେଖାତିର**

**ନୂଆଗାଁ,୨୦।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀଙ୍କ ସମସ୍ତ ସରକାରୀ କାମ ଜଣେ ଅଣକର୍ମଚାରୀ କରୁଥିବା ନେଇ ଅଭିଯୋଗ ହେଉଛି। ଏ ବାବଦରେ ବିଡିଓଙ୍କ ନିକଟରେ ଅଭିଯୋଗ ହେବା ପରେ ବିଡିଓ ତାଗିଦ କରିଥିଲେ ମଧ୍ୟ ସେହି ନିର୍ଦ୍ଦେଶକୁ ସେ ଖାତିର କରୁ ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଅଧୀନରେ ଥିବା ଗାଁଗୁଡ଼ିକର ସମସ୍ୟା ଦୂର କରିବା ସହ ବିକାଶ କରିବା ଲାଗି ସରକାର ଅନୁଦାନ ଦେଉଛନ୍ତି। କାମଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ଲକରେ ନିୟୋଜିତ ହୋଇଥିବା ଯନ୍ତ୍ରୀମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କିନ୍ତୁ ନୂଆଗାଁ ବ୍ଲକରେ ତାହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ଯନ୍ତ୍ରୀ ନିଜ ଦାୟିତ୍ୱ ନ ତୁଲାଇ ଜଣେ ଅଣ କର୍ମଚାରୀଙ୍କ ଉପରେ ସମସ୍ତ ଦାୟିତ୍ୱକୁ ନ୍ୟସ୍ତ କରିଛନ୍ତି। ବିଭିନ୍ନ କାର୍ଯ୍ୟର ଫାଇଲ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟ ତଦାରଖ କରିବା, ମାପ ବହି ଲେଖିବା, ବିଲ୍ ପ୍ରସ୍ତୁତ କରିବା ଆଦି ସମସ୍ତ କାମ ସେହି ଅଣ କର୍ମଚାରୀ କରୁଛନ୍ତି। ଏପରି କି ଯନ୍ତ୍ରୀମାନଙ୍କ ଗହଣରେ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ଥିବା ଚେୟାରରେ ବସି , କମ୍ପ୍ୟୁଟର ବ୍ୟବହାର ସାଙ୍ଗକୁ ଫାଇଲର ସମସ୍ତ କାମ କରୁଛନ୍ତି। ଅନ୍ୟପକ୍ଷେ ଉକ୍ତ ଅଣ କର୍ମଚାରୀ ଜଣକ ଅନେକ କାମରେ ଠିକାଦାରୀ କରୁଥିବା ଅଭିଯୋଗ ହେଉଛି। ନିଜେ ବିଲ୍ କରିବା ଫଳରେ ନ୍ୟୁନ ମାନର କାମକୁ ଶତ ପ୍ରତିଶତ ବିଲ୍ କରି ନେଉଥିବା ଜଣେ କର୍ମଚାରୀ ନିଜର ନାମକୁ ଗୁପ୍ତ ରଖି ସୂଚନା ଦେଇଛନ୍ତି। ଉକ୍ତ ଅଣ କର୍ମଚାରୀଙ୍କ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସେ ସମ୍ପୃକ୍ତ ବ୍ୟକ୍ତିକୁ ଜାଣି ନ ଥିବା କହିଛନ୍ତି। ବ୍ଲକର ମୁଖ୍ୟ କିରାଣିଙ୍କୁ ପଚାରି ବୁଝିବା ପରେ ସେହି ବ୍ୟକ୍ତି ଜଣକ ବଦଳି ହୋଇ ଯାଇଥିବା କନିଷ୍ଠ ଯନ୍ତ୍ରୀ ସନାତନ ଭୋଳଙ୍କ ପାଇଁ କାମ କରୁଥିବା ଜାଣିବାକୁ ପାଇଥିଲେ। ବିଡିଓ ମିଶ୍ର ସନାତନ ଭୋଳଙ୍କ ସମସ୍ତ ଫାଇଲ ଆଣି ମୋ ପାଖରେ ଦାଖଲ କରିବା ପାଇଁ ମୁଖ୍ୟ କିରାଣିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାକୁ ଖାତିର ନ କରି ପୂର୍ବପରି ସେ କାମ କରୁଥିବା ଅଭିଯୋଗ ହେଉଛି।

## ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

**ଦିଗପହଣ୍ଡି,୨୦।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଲ୍ୟାଣପୁର ଗ୍ରାମରେ ଶନିବାର ବିଦ୍ୟୁତ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କୁମାରୀ ମହାରଣାଙ୍କ ଘରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ, ଇଲେକ୍ଟ୍ରୋନିକ ଉପକରଣ, ଚାଉଳ ଓ ଅନ୍ୟ ଆସବାବପତ୍ର ସମ୍ପୂର୍ଣ୍ଣ ଭାବେ ପୋଡିଯାଇଛି। ନିଆଁରେ ଭସ୍ମୀଭୂତ ହୋଇ ଯାଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଘରର ବାହାର ପଟୁ କବାଟ ବନ୍ଦ ଥିବାରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରିନଥିଲେ। ପରେ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇ ପଡିଥିବା କୁମାରୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ ଭୀମସେନ ସାହୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପୁରୁଣା ଗଛକୁ ମାରିଦେବାକୁ ଉଦ୍ୟମ

**ନୂଆଗାଁ,୨୦।୫ (ଡି.ଏନ.ଏ.)**

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଅଧୀନ ଜିଗିନିପଡ଼ା ନଦୀ କୂଳରେ ଥିବା ଏକ ବିରାଟ ଗଛକୁ କେହି ଜଣେ ବ୍ୟକ୍ତି ମାରି ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହେଉଛି। ମହିତମା ଫରେଷ୍ଟ ସେକ୍ସନ ଜିଗିନିପଡା ବିଟ୍‌ଠାରୁ ମାତ୍ର ୧୫୦ ମିଟର ଦୂର ନଦୀ କୂଳରେ କେଉଁ ଆବହମାନ କାଳରୁ ଏକ ଗଛ ରହିଛି। କେହି ଉକ୍ତ ଗଛ ଚାରିପାଖରୁ ଛାଲି ଛଡାଇ ଦେଇଛନ୍ତି। ଏମିତି ହେଲେ ଗଛଟି ମରିଯିବାର ସମ୍ଭାବନା ରହିଛି। ଏହାପରେ ସେହି ଗଛକୁ କାଟି ବିକ୍ରି କରାଯିବ ବୋଲି ଆଶଙ୍କା କରାଯାଉଛି। ଏ ବାବଦରେ ଫରେଷ୍ଟ ଗାର୍ଡ ଶ୍ରୀକାନ୍ତ ନାୟକଙ୍କୁ ପଚାରିବାରେ ସେହି ଗଛ ଜଣେ ବ୍ୟକ୍ତିଙ୍କ ଜମିକୁ ଲାଗି ରହିଛି। ସମ୍ପୃକ୍ତ ବ୍ୟକ୍ତି ଏପରି କରିଥିବା ଫରେଷ୍ଟ ଗାର୍ଡ ନାୟକ କହିଛନ୍ତି।



ଗଛରୁ ଛାଲି ଛଡାଇ ଦିଆଯାଇଛି।

## ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଞ୍ଜାମ ଜିଲା କମିଟି ବୈଠକ

**ଖଲ୍ଲିକୋଟ,୨୦।୫(ଡି.ଏନ.ଏ.)**

ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଞ୍ଜାମ ଜିଲା କମିଟି ବୈଠକ ଖଲ୍ଲିକୋଟ ନିକଟସ୍ଥ ଏକ୍ସଲେଣ୍ଟ ଡ୍ରାଇଭିଙ୍ଗ ସେଣ୍ଟର, ଗୁହାରିଆପାଟ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ସଭାପତି ବିଭୁଧେନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢୀ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବୈଠକରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ମାରଣ ନୀତି ଏବଂ ଫରୱାର୍ଡ ବ୍ଲକର ଆଗାମୀ କାର୍ଯ୍ୟ ପନ୍ଥା ଉପରେ ଆଲୋଚନା କରିଥିଲେ। ଗଞ୍ଜାମ ଜିଲାରେ ଫରୱାର୍ଡ ବ୍ଲକର ସଭ୍ୟ ସଂଗ୍ରହ ଅଭିଯାନ ଚଲାଇବା, ପ୍ରତି ବ୍ଲକରେ କମିଟି ଗଠନ କରିବା, ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକ ନିଯୁକ୍ତି ଘଟଣାର ତଦନ୍ତ ଦାବିରେ ଆନ୍ଦୋଳନକୁ ଆଗକୁ ବଢାଇବା, ଆସିକା ଚିନି ଶିଳ୍ପର ଆଧୁନିକୀକରଣ, ଗଞ୍ଜାମ ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା, ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦର କରିବା, ବିଦ୍ୟୁତ ଶୁଳ୍କ କମାଇବା, ଧାନ ମଣ୍ଡି ନାମରେ ଦୁର୍ନୀତିର ତଦନ୍ତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଘୋଟାଲା ବିରୋଧରେ ଜନ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର, ପୋଲସରା, ଛତ୍ରପୁର, ଗୋପାଳପୁର ଓ ଚିକିଟି ବିଧାନସଭା ଓ ଆସିକା ଲୋକସଭା କ୍ଷେତ୍ରରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବାକୁ ନିଷ୍ପତ୍ତି ନିଆଯିବା ସହିତ ଅନ୍ୟ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେବାପାଇଁ ଆଲୋଚନା ହୋଇଛି। ଜୁନ୍ ୨୨ ତାରିଖଠାରୁ ହରଘର ନେତାଜୀ ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅକ୍ଟୋବର ମାସ ଯାଏ ଚାଲୁ ରହିବ। ଗଞ୍ଜାମ ଜିଲାର ସମସ୍ୟା ନେଇ ଜୁନ ୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମ୍ପାଦକ ମିଥୁନ ବେହେରା, ଅର୍ଥନୈତିକ ସମ୍ପାଦକ ସପ୍ନେଶ୍ୱର ପାଣିଗ୍ରାହୀ, ସମରଜିତ ମହାନ୍ତି, ରାଜୀବ ଖାଡେଙ୍ଗା, ଯୋଗେନ୍ଦ୍ର ସ୍ୱାଇଁ, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ କର୍ମକର୍ତ୍ତା।

# କେନ୍ଦ୍ରାପଡ଼ାରେ ବଢୁଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା

**କେନ୍ଦ୍ରାପଡ଼ା ଅଫିସ, ୨୦।୫**

ଅନୁପ୍ରବେଶ ଓ ଆତଙ୍କବାଦ ସହିତ କେନ୍ଦ୍ରାପଡ଼ା ଜିଲାର ସଂଯୋଗ ରହିଥିବା ବେଳେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାର କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲାର ୪୮ କିଲୋମିଟର ଖୋଲାମେଲା ସମୁଦ୍ର ତଟ ଏବେ ବି ମୁକୁଳା ପଡ଼ିଥିବାରୁ ଅନୁପ୍ରବେଶକାରୀ ପଶି ଆସିବା ନେଇ ଜିଲାବାସୀ ଆଶଙ୍କା ପ୍ରକଟ କରିଛନ୍ତି। ୨୦୦୮ରେ ବମ୍ବେ ଆକ୍ରମଣ ପରେ ସମସ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ନଜର ରଖିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଏନ୍ଆଇଏ ଦ୍ୱାରା ସନ୍ଦିଗ୍ଧ ଆତଙ୍କବାଦୀ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ତେଣ୍ଡାକୁଡ଼ା ଗ୍ରାମର ହବିବୁର ରହେମାନ ୨୦୧୮ରେ ଧରାପଡ଼ିବା ପରେ ଏ ନେଇ ଆଲୋଚନା ହୋଇଥିଲା। ୨୦୦୭ରେ ରାଜସ୍ଥାନର ଭାରତ-ପାକିସ୍ତାନ ସୀମାରୁ ଗିରଫ ହୋଇଥିବା କେନ୍ଦ୍ରାପଡ଼ା ଜିଲା ଟାଉନ ଥାନା ଅନ୍ତର୍ଗତ ରଣପଡ଼ାର ମହମ୍ମଦ ଜାଭେଦଙ୍କୁ ରାଜସ୍ଥାନ ପୋଲିସ ୨୦୧୦ରେ ଏଠାକୁ ଆସି ଖୋଜିଥିଲେ। ଏଥିସହ ଭିତରକନିକା ଅଞ୍ଚଳରୁ ପୂର୍ବରୁ ଅନୈତିକ ରେଡିଓ ଷ୍ଟେଶନ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଏବେ ମଧ୍ୟ ସି' ସଟଲ ମାଧ୍ୟମରେ ବାଂଲାଦେଶୀ ଏହି ଜିଲାକୁ ପଶି


ରାଜନଗର ପେଣ୍ଠ ସାମୁଦ୍ରିକ ଅଞ୍ଚଳ ମୁକୁଳା ପଡିଛି।

ଆସି ବସବାସ କରୁଥିବା ବହୁ ଅଭିଯୋଗ ହୋଇଛି। ଏପରିକି ବାଂଲାଦେଶର ଅମିତ ରାୟଙ୍କ ଭିସା ଓ ଅନ୍ୟ କାଗଜପତ୍ର ଜିଲା ପ୍ରଶାସନ ୨୦୧୮ରେ ଜବତ କରିଛି। ଏହାସତ୍ତ୍ୱେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଜିଲାର ଉପାନ୍ତ ଅଞ୍ଚଳରେ ବଢ଼ି ଚାଲିଥିବା ଆଲୋଚନା ହେଉଛି।

ଏ ନେଇ ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ସୂତାର କହିଛନ୍ତି, ୨୦୦୫ରେ ଜିଲା ପ୍ରଶାସନ ୧୫୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଥିଲେ। ତେବେ ଚିହ୍ନଟକୁ ନେଇ ଆପତ୍ତି ଅଭିଯୋଗ

- ଶିକ୍ଷା ପ୍ରମାଣପତ୍ର ସହଜରେ ମିଳୁଛି
- ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି
- ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ପାଇଁ ଦାବି

ପରେ ଦେଶରୁ ବିଦା କରିବା ସମ୍ଭବ ହୋଇନାହିଁ। କେନ୍ଦ୍ରାପଡ଼ା ଜିଲାରେ ୩ ସାମୁଦ୍ରିକ ଥାନା ଅଛି। ତେବେ କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକାଯାଇ ପାରୁନାହିଁ। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ ସଂଖ୍ୟା ଓଡ଼ିଆ ଭାଷୀଙ୍କଠାରୁ ବହୁଗୁଣରେ ଅଧିକ ହୋଇଛି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଏବେ ବାଂଲାଦେଶୀଙ୍କ ଭିଡ଼ ଅଧିକ ହେଉଛି। ଏଥିପାଇଁ ସମୁଦ୍ର ପଥ, କୋଲକାତା ଓ ମାଲକାନଗିରି ରାସ୍ତା ସେମାନଙ୍କୁ ବେଶ ସୁହାଉଛି। ଏହାବ୍ୟତୀତ ପୂର୍ବରୁ ରହୁଥିବା ବାଂଲାଦେଶୀ ସେମାନଙ୍କ ପାଇଁ ଏଠାରେ ରହିବାର ସମସ୍ତ ବାଧା ହଟାଇବାକୁ ବ୍ୟବସ୍ଥା କରୁଛନ୍ତି। ଏଠାରେ ଜନ୍ମିତ ବୋଲି ପ୍ରମାଣିତ କରିବାକୁ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିଥିବା ପ୍ରମାଣପତ୍ର ଯୋଗାଇ ଦେବାଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ କରୁଛନ୍ତି। ଏପରି କି ସେମାନଙ୍କୁ ଭୂମିହୀନ ଦର୍ଶାଇ ବସୁନ୍ଧରା ଯୋଜନାରେ ଘର ପାଇଁ ଜମି ନେଉଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟକରଣ ଏହି ଜିଲାରେ ଜରୁରୀ ହୋଇ ପଡ଼ିଛି। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ସହ ଯୋଗାଯୋଗ ରଖି ଥାନା ପୋଲିସ ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିପାରିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ତହସିଲଗୁଡ଼ିକରେ ହେଉଥିବା ଦାଖଲ ଖାରଜ ମାମଲାକୁ ଗୁରୁତ୍ୱଦେଲେ ବହୁ ସରକାରୀ ଜମି ଜବରଦଖଲରୁ ହଟିପାରିବ। ଏସବୁ ହାତ ପଙ୍ଗା ମାଧ୍ୟମରେ ଜମି ଖର୍ଦ୍ଦି-ବିକ୍ରି ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟି ନ ଦେଲେ ଆତଙ୍କ ସୃଷ୍ଟିକାରୀ ଏଠାରେ ରହି ଦେଶ ବିରୋଧରେ କାର୍ଯ୍ୟ କରିବା ଅସମ୍ଭବ ନୁହେଁ। ଏ ସମ୍ପର୍କରେ ଏସ୍ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରେ ସାମୁଦ୍ରିକ ଥାନାର ଭିତ୍ତିଭୂମିକୁ ଉନ୍ନତୀକରଣ କରାଯାଉଛି। ନିକଟରେ ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ ଦୂର ହେବ ବୋଲି ସେ କହିଛନ୍ତି।

## କାରଖାନାର ଦୂଷିତ ପାଣି ପିଇ ୫ ଗୋରୁ ମୃତ


ମୃତ ଗାଈ ।

**ଧର୍ମଶାଳା/ଜେନାପୁର, ୨୦।୫(ଡି.ଏନ.ଏ.):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ସାହଣିଡ଼ିହ ପଞ୍ଚାୟତସ୍ଥିତ ଏଭର ସେଣ୍ଡାଇ କାରଖାନାରୁ ନିର୍ଗତ ଦୂଷିତ ପାଣି ପିଇ ଶନିବାର ରାମଚନ୍ଦ୍ରପୁର ଗ୍ରାମରେ ୩ ପରିବାରର ୫ ଗାଈଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଏକ ଗାଈ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସାହାଣୀଡ଼ିହ ସରପଞ୍ଚଙ୍କ ପ୍ରତିନିଧି ବାବୁଲି ସାମଲ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଜେନାପୁର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଚଳାଇଛି।

ମୃତ ଗାଈଗୁଡ଼ିକ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧିଙ୍କର ୨, ମଦନ ସାମଲଙ୍କ ୧ ଓ ଗଗନ ଖଟୁଆଙ୍କ ୨ ଗାଈ ରହିଛନ୍ତି। ଗୁରୁତର ଥିବା ଗାଈଟି ମଧ୍ୟ ଗଗନଙ୍କର ବୋଲି ଜଣାପଡ଼ିଛି। କାରଖାନା କର୍ତ୍ତୃପକ୍ଷ ବିଷାକ୍ତ ପାଣି ବାହାରକୁ ଛାଡ଼ିଥିବାରୁ ତାହାକୁ ପିଇ ଗାଈଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ କାରଖାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ମୃତଗାଈଗୁଡ଼ିକୁ ଜବତ କରାଯାଇ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ଧର୍ମଶାଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଲିଆସ୍ମିନୀ ମହାନ୍ତି ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଘଟଣା ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଦୁର୍ଘଟଣାରେ ପରିବାରର ୫ ଗୁରୁତର

**ଧର୍ମଶାଳା, ୨୦।୫(ଡି.ଏନ.ଏ.):**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ଶନିବାର ଏକ କାର ସହିତ ପିକଅପ୍ ଭ୍ୟାନର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇଛନ୍ତି।

ଅପରାହ୍ନ ୧୨ ଟାରେ ଭଦ୍ରକ ଆଡ଼କୁ ଯାଉଥିବା ଡବ୍ଲୁବି-୨୧-୧୭୬୮ ପିକଅପଭ୍ୟାନ ଚଣ୍ଡିଖୋଲ ପଟକୁ ଯାଉଥିବା ଓଡି-୦୧-ଏଲ-୩୯୩୨ କାର ସହିତ ନେଉଳପୁର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ବସିଥିବା ଜଗତ୍‌ସିଂହପୁର ଅଞ୍ଚଳର ରଶ୍ମିରଞ୍ଜନ ରାଉତରାୟ(୩୧), ସରୋଜିନୀ ରାଉତରାୟ (୨୬), ବଟକୃଷ୍ଣ ରାଉତରାୟ(୬୧), ପ୍ରତ୍ୟୁଷ ରଞ୍ଜନ ରାଉତରାୟ (୨୮) ଓ ରଜଲକ୍ଷ୍ମୀ ରାଉତରାୟ (୫୨) ଗୁରୁତର ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ କର୍ମଚାରୀ ପହଞ୍ଚି ଗୁରୁରମାନଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

**ପାରାଦୀପ, ୨୦।୫(ସ୍ୱ.ପ୍ର.)**

**ନୂଆଗଡ଼ ପଞ୍ଚାୟତରୁ ମାଟି ଚୋରି ଘଟଣା**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତରୁ ମାଟି ଚୋରି ଘଟଣାରେ ପୋଲିସ ଶନିବାର ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ହେଲେ ଅଜୟ ବେହେରା। ତାଙ୍କ ଘର ନୂଆଗଡ଼ ଅଞ୍ଚଳରେ ହୋଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତ ହେଲେ ଶେଖ ରାଜା ଓ ମଜିହୁର ରହେମାନ। ସେମାନଙ୍କ ଘର ପାରାଦୀପଗଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଏପର୍ଯ୍ୟନ୍ତ ମୋଟ୍ ୪ ଜଣ ଗିରଫ ହୋଇଥିବାବେଳେ ୨ ଭାରିଯାନ ଜବତ ହୋଇଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଅଭିଯୋଗ ଆଧାରରେ ଲକ୍ ଥାନା ପୋଲିସ ମାମଲା (ନଂ.୧୯୫/୨୩) ରୁଜୁ କରିଛି। ଏହି ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଲୋକ ସାମିଲ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଭାବଗ୍ରାହୀ ରାଉତ କହିଛନ୍ତି। ଅଭିଯୁକ୍ତ ଅଜୟ ମାଟି ଖୋଳାଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସବୁଥିରେ ଆଗରେ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାସୁଦେବପୁର, ୨୦।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦୁଁଆ ଗ୍ରାମରେ ମଧୁସ୍ମିତା ପଲେଇ ନାମ୍ନୀ ମହିଳାଙ୍କ ଝୁଲନ୍ତା ମୃତଦେହ ଶନିବାର ଶୋଇବା ଘରୁ ପୋଲିସ ଜବତ କରିଛି। ୩ ବର୍ଷ ତଳେ ମଧୁସ୍ମିତା ପ୍ରେମବିବାହ କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯୌତୁକ ପାଇଁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ମା' ବାସନ୍ତୀଲତା ପଲେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯିବା ସହ ମାମଲା (ନଂ.୨୮୬/୨୩) ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ସାବିତ୍ରୀ ପଣ୍ଡା କହିଛନ୍ତି।

### ଶ୍ୱଶୁରଘର ପୋଖରୀରେ ବୁଡ଼ି ଜ୍ୱାଇଁ ମୃତ

**ବାହାନଗା, ୨୦।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ନୂଆପୁର ଗ୍ରାମର ଜଣେ ଯୁବକ ଶ୍ୱଶୁର ଘର ପୋଖରୀରେ ଗାଧୋଇବା ବେଳେ ବୁଡିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଅମୂଲ୍ୟ ମଳିକ (୪୫)। ତାଳପଦାସ୍ଥିତ ଶ୍ୱଶୁର ଘରକୁ ବୁଲିବାକୁ ଯାଇଥିଲେ। ଶନିବାର ଶ୍ୱଶୁର ଘର ନିକଟସ୍ଥ ପୋଖରୀରେ ଗାଧୋଇବା ବେଳେ ଅମୂଲ୍ୟଙ୍କ ଗୋଡ ଖସିଯାଇଥିଲା।

## ବରାହ ପୀଠରୁ ମୂର୍ତ୍ତି ଚୋରିକୁ ୮ ବର୍ଷ

- ଏଯାଏ ଧରାପଡ଼ିଲେନି ଅଭିଯୁକ୍ତ
- ଚୋରି ମୂର୍ତ୍ତିର ପତ୍ତା ମିଳିଲାନି

**ଯାଜପୁରଟାଉନ, ୨୦।୫(ଡି.ଏନ.ଏ.):**

ଯାଜପୁର ବରାହ ପୀଠରୁ ମୂର୍ତ୍ତି ଚୋରି ଘଟଣାକୁ ୮ ବର୍ଷ ପୂରିଯାଇଛି। ହେଲେ ଏ ପର୍ଯ୍ୟନ୍ତ ଚୋରିର ରହସ୍ୟ ଉନ୍ମୋଚନ ହୋଇପାରିନାହିଁ।

ପୋଲିସ ଦୁର୍ବୃତ୍ତଙ୍କୁ କାବୁକରି ପାରିନାହିଁ କିମ୍ବା ଚୋରି ମୂର୍ତ୍ତିକୁ ଉଦ୍ଧାର କରିପାରିନାହିଁ। ଯାଜପୁର ସହର ବୈତରଣୀ ନଦୀକୂଳ ବରାହ ପୀଠରୁ ୨୦୧୫ ମେ' ୧୮ ତାରିଖ ରାତିରେ ୬ ବିରଳ ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା। ବରାହ ମନ୍ଦିରରେ ଥିବା ୫୦୦ ବର୍ଷ ପୂର୍ବର ଶ୍ୱେତ ବରାହ, ଲକ୍ଷ୍ମୀ ବରାହ, ବଳିବାମନ, ଗଦାଧର ମନ୍ଦିରରୁ ଗଦା, ଶଙ୍ଖ ଓ ଚକ୍ର ମୂର୍ତ୍ତି ଚୋରି କରାଯାଇଥିଲା। ଚୋରି ମୂର୍ତ୍ତିଗୁଡ଼ିକ ବିଦେଶକୁ ଚାଲାଣ ହେଉଥିବା ସନ୍ଦେହ କରାଯାଇଥିବାରୁ ସେଗୁଡ଼ିକୁ ଉଦ୍ଧାର ପାଇଁ ରାଜ୍ୟ ସରକାର ସିବିଆଇ ଜରିଆରେ ଆନ୍ତର୍ଜାତିକ ତଦନ୍ତକାରୀ ସଂସ୍ଥା ଇଣ୍ଟରପୋଲର ସହଯୋଗ ଲୋଡ଼ିଥିଲେ। ଇଣ୍ଟରପୋଲ ସିବିଆଇର ଅନୁରୋଧକ୍ରମେ ଚୋରି ପ୍ରାଚୀନ ଚୋରିମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏହି ପ୍ରାଚୀନ ଓ ବିରଳ ମୂର୍ତ୍ତିଗୁଡ଼ିକ ଆନ୍ତର୍ଜାତିକ ବଜାରରେ ବହୁ ମୂଲ୍ୟ ହୋଇଥିବା ଯାଜପୁର ପୋଲିସ ଜାଣିବାକୁ ପାଇଥିଲା। ବରାହ ପୀଠରେ ୫୦୦ ବର୍ଷ ତଳୁ ଏହି ମୂର୍ତ୍ତିଗୁଡିକ ପୂଜା ପାଉଥିବାବେଳେ ଦୁର୍ବୃତ୍ତ ଦୀର୍ଘଦିନ ପୂର୍ବରୁ ଏହାକୁ ଚୋରି କରିବା ପାଇଁ ଷଡ଼ଯନ୍ତ୍ର ରଚିଥିବା ପୋଲିସ ମଧ୍ୟ ତଦନ୍ତବେଳେ ଅବଗତ ହୋଇଥିଲା। ତେଣୁ ପୋଲିସ ନିଜ ହାତ ସଫା ରଖିବା ପାଇଁ ସ୍ଥାନୀୟ ୨ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚଲାଣ କରିଥିଲା। ହେଲେ ମୂର୍ତ୍ତିଗୁଡିକର ଖୋଜଖବର ପାଇ ନ ଥିଲା।

ଏହା ମଧ୍ୟରେ ପୋଲିସ କେବଳ କୋର୍ଟଚାଲାଣ କରିଥିବା ୨ ସ୍ଥାନୀୟ ଯୁବକଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରି ବସିପଡ଼ିଛି। ଏହା ଯାଜପୁରବାସୀଙ୍କ ଧର୍ମଭାବାବେଗକୁ କୁଠାରାଘାତ ଲାଗିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ କେବଳ ଯାଜପୁରର ବରାହ ମନ୍ଦିର ପରିସରରୁ ମୂର୍ତ୍ତି ଚୋରି ହୋଇଛି ତାହା ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ ପୁରାତନ ମୂର୍ତ୍ତି ଚୋରି ହୋଇଥିବା ଜଣାପଡିଛି। ୨୦୧୬ ମାର୍ଚ୍ଚ ୧୩ ରାତିରେ ଧର୍ମଶାଳା ବ୍ଲକ୍‌ର ଗଡ଼ମଧୁପୁର ଶ୍ରୀଜଗନ୍ନାଥ ମନ୍ଦିରରୁ ଦୁର୍ଲଭ ମୂର୍ତ୍ତି ଚୋରି କରାଯାଇଥିଲା। ଗତ ୪ ବର୍ଷ ମଧ୍ୟରେ ଦଶରଥପୁର ଅଞ୍ଚଳର କୁଆଁସମଙ୍ଗଳା, ବ୍ରହ୍ମବରଦା ଓ ବଡ଼ଚଣା ଅଞ୍ଚଳରୁ ବିରଳ ମୂର୍ତ୍ତିଗୁଡିକ ଚୋରି କରାଯାଇଥିବାବେଳେ କୌଣସି ମୂର୍ତ୍ତିର ସନ୍ଧାନ ପୋଲିସ ପାଇପାରିନାହିଁ। ଜିଲାରେ ଏବେବି ବହୁ ବିରଳ ଓ ଐତିହ୍ୟସମ୍ପନ୍ନ ମୂର୍ତ୍ତିଗୁଡ଼ିକ ବିଭନ୍ନ ମଠ ମନ୍ଦିରରେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଏହାର ସୁଯୋଗ ରାଜ୍ୟର କେତେକ ପେସାଦାର ମୂର୍ତ୍ତିଚୋର ନେଉଥିବା ସନ୍ଦେହ କରାଯାଉଛି। ପୋଲିସ ମୂର୍ତ୍ତି କିମ୍ବା ମୂର୍ତ୍ତି ଲୁଟ୍ କରିଥିବା ଦୁର୍ବୃତ୍ତଙ୍କୁ ଠାବ କରିପାରି ନ ଥିବାରୁ ଜିଲାରେ ଅସୁରକ୍ଷିତ ଅବସ୍ଥାରେ ଥିବା ବିରଳ ମୂର୍ତ୍ତିଗୁଡ଼ିକୁ ନେଇ ଜିଲାବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ବରାହ ମନ୍ଦିର ଟ୍ରଷ୍ଟବୋର୍ଡର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ ସେ କିଛି ଜାଣିନାହାନ୍ତି ବୋଲି କହି ସଫେଇ ଦେଇଥିଲେ। ଏ ସମ୍ପର୍କରେ ଯାଜପୁର ଟାଉନ୍ ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ମାମଲା ବନ୍ଦ ହୋଇଯାଇଛି।


ବରାହ ମନ୍ଦିରର ମୂର୍ତ୍ତି ଚୋରି ହୋଇଥିବା ସ୍ଥାନ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଲୋକ


@ ଦିଗ୍ବିଜୟ


@ ପ୍ରସନ୍ନ


@ ଶୁଭ୍ରାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏଡିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କଲା ସାମ୍ବାଦିକ ସଂଘ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

**ଯାଜପୁରଟାଉନ, ୨୦।୫(ଡି.ଏନ.ଏ.):**

ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ସୁରେଶ କରଙ୍କ ଉପରେ କେତେଜଣ ବାଲି ମାଫିଆ ଆକ୍ରମଣ କରିଥିବା ଘଟଣାକୁ ନେଇ ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବରୀ ବ୍ଲକ୍ ସାମ୍ବାଦିକ ସଂଘ କର୍ମକର୍ତ୍ତା ଏଡିଏମ୍‌ଙ୍କୁ ଭେଟି ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନା ମୁତାବକ, ଗତ ୮ ତାରିଖରେ ବାଇଁଶିରିଆ ଇଚ୍ଛାପୁର ନିକଟରେ ବାଲି ମାଫିଆ ସୁରେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଖବରଦାତା କରଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେ ଏନେଇ ବରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବରୀ ସାମ୍ବାଦିକ ସଂଘ ଏହି ଘଟଣାକୁ ଗୁରୁତ୍ୱ ଦେଇ ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲା। ଏଥିସହିତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସାମ୍ବାଦିକ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇ ନ ଥିବା ସାମ୍ବାଦିକ ସଂଘ କର୍ମକର୍ତ୍ତା ଏଡିଏମ୍‌ଙ୍କୁ ଭେଟି ଅଭିଯୋଗ କରିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ସୁରେଶ ଚନ୍ଦ୍ର କରଙ୍କ ସହ ପାଣ୍ଡବ ଦ୍ୱିବେଦୀ, ଦର୍ଶନ ବେହେରା, ସତ୍ୟଜିତ ବାରିକ, ସାଗର ରଞ୍ଜନ ବେହୁରିଆ, ପ୍ରଶାନ୍ତ ଦ୍ୱିବେଦୀ, ଚୈତନ୍ୟ ଜେନା, ସୁନିଲ ରାଉତ, ସତ୍ୟରଞ୍ଜନ କର, ଜନ୍ମେଜୟ ସ୍ୱାଇଁ ମନୋରଞ୍ଜନ ବେହେରା ଓ ମଧୁସୁଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଅଭିଯୁକ୍ତଙ୍କ ମା'ସମ୍ପୃକ୍ତ ଖବରଦାତାଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ୧୧୦ ଧରାପଡ଼ିଲେ, ନୟାଗଡ଼ରେ ନାହାନ୍ତି

■ପୁଣି ବର୍ତ୍ତିଲେ ନକଲି ଶିକ୍ଷକ
■ଶିକ୍ଷା ବିଭାଗର ଅନୁକମ୍ପା ନେଇ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ,୨୦।୫

ରାଜ୍ୟରେ ୧୧୦ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯାଇକାର୍ଯ୍ୟାନୁଷ୍ଠାନଆରମ୍ଭହୋଇଛି। ତେବେ ନୟାଗଡ଼ ଜିଲାରେ ନକଲି ଶିକ୍ଷକ ରହିଥିଲେ ହେଁ ଚିହ୍ନଟ ହୋଇ ନ ପାରିବା ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି । ନକଲି ଶିକ୍ଷକଙ୍କୁ ଧରପଗଡ଼ ପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି), ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ମାନଙ୍କ ପାଖକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୧୦୦ ଥରରୁ ଊର୍ଦ୍ଧ୍ୱ ନିର୍ଦ୍ଦେଶ ହୋଇ ସାରିଲାଣି । ହେଲେ ବିଡମ୍ବନାର ବିଷୟ ପ୍ରତି ବର୍ଷ ନୟାଗଡ଼ ଶିକ୍ଷା ଜିଲାରେ ବିଭିନ୍ନ ସମୟରେ ସାର୍ଟିଫିକେଟ ଯାଞ୍ଚ ହେଉଥିଲେ ମଧ୍ୟ ନକଲି ଶିକ୍ଷକ ଧରାପଡୁନାହାନ୍ତି । ମୋଟା ଅଙ୍କର ଅର୍ଥ କାରବାର ଯୋଗୁ ତଦନ୍ତର ଦିଗ ପ୍ରତିବର୍ଷ ବଦଳି ଯାଇ ଅନୁକମ୍ପା ଦେଖାଯାଉଛି ବୋଲି ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷେ ନକଲି ପ୍ରମାଣପତ୍ର ଦେଇ ନୟାଗଡ଼ ଜିଲାରେ ନିଯୁକ୍ତି ପାଇଥିବା ୬୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଥିବାବେଳେ କାର୍ଯ୍ୟାନୁଷ୍ଠାନ ଶୀତଳଭଣ୍ଡାରରେ ପଡିରହିଛି।

ଅଭିଯୋଗ ଅନୁଯାୟୀ, ନକଲି ସାର୍ଟିଫିକେଟ ଦେଇ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି । ତେବେ ଏମାନଙ୍କ ସଂଖ୍ୟା ନୟାଗଡ଼, ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା ଓ ରଣପୁର ବ୍ଲକରେ ଅଧିକ ରହିଛି । କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଗୋଟିଏ ଶିକ୍ଷାବର୍ଷରେ ସିଟି କରୁଥିବାବେଳେ ସେହି ଶିକ୍ଷାବର୍ଷରେ ଯୁକ୍ତଦୁଇ ଓ ଯୁକ୍ତ ୩ରେ ଚଞ୍ଚକତା କରି ନାମ ଲେଖାଇ ପାଠ ପଢ଼ିଛନ୍ତି । ଗୋଟିଏ ଶିକ୍ଷାବର୍ଷରେ ଜଣେ ବ୍ୟକ୍ତି ଦୁଇଟି ଭିନ୍ନ ପାଠ୍ୟକ୍ରମରେ ରେଗୁଲାର ଭାବେ ପାଠ ପଢ଼ିବା ଅସମ୍ଭବ। ତେବେ ନୟାଗଡ଼ ଜିଲାରେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରାଯାଇଛି। ସେହିଭଳି କେତେଜଣ ଶିକ୍ଷୟିତ୍ରୀ,ଶିକ୍ଷକ ମାଟ୍ରିକ ଓ ଯୁକ୍ତ୨ରେ କମ ନମ୍ବର ରଖିଥିଲେ ମଧ୍ୟ ନକଲି ସାର୍ଟିଫିକେଟ ପ୍ରସ୍ତୁତ କରି ସିଟି ଓ ବିଇଡି ପାସ କରି ଶିକ୍ଷକ ଚାକିରି କରିଛନ୍ତି । ଆଉ କେତେଜଣ ବିଇଡି, ସିଟି ନକଲି ସାର୍ଟିଫିକେଟ ମଧ୍ୟ ଦେଇ ଚାକିରି କରିଛନ୍ତି । ସାଧାରଣ ବର୍ଗର ଲୋକ ଦଳିତ, ଆଦିବାସୀ ଓ ଓବିସିର ନକଲି ପ୍ରମାଣପତ୍ର ହାତେଇ ଅନୁରୂପ ଭାବେ ନିଯୁକ୍ତି ପାଇଛନ୍ତି । ଏହି ବର୍ଗର ଜାଲ୍ ଶିକ୍ଷୟିତ୍ରୀ,ଶିକ୍ଷକମାନେ ନିଜ ପଦବୀକୁ ବଞ୍ଚେଇବାକୁ ପ୍ରତିବର୍ଷ ୧ରୁ ୨ମାସର ଦରମାକୁ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହୋଇଆସୁଛି । କେତେଜଣ ଶିକ୍ଷକ ନେତା ନିଜ ନାମ ପ୍ରକାଶ ନ କରିବାକୁ ଅନୁରୋଧ କରି କହିଛନ୍ତି, ନକଲି ଶିକ୍ଷକମାନେ ଧରପଗଡ଼ରୁ କିପରି ବର୍ତ୍ତିବେ ସେଥିପାଇଁ ଆଗୁଆ ପ୍ରସ୍ତୁତ ହୋଇ ରହିଥାନ୍ତି । ସେମାନେ ଧରପଗଡ଼ରେ ଫସିଥିଲେ ମଧ୍ୟ ଭୟ କରୁନାହାନ୍ତି। କ୍ଲଷ୍ଟର ଲେବୁଲରେ ଯାଞ୍ଚ ସମୟରେ ସେମାନେ ବାହାନା ଦେଖାଇ ଦୂରେଇ ରୁହନ୍ତି। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ହାତଗୁଞ୍ଜା ଦେଇ ନିଜର ଅନିୟମିତତାକୁ ଲୁଚାଇବାରେ ସକ୍ଷମ ହୁଅନ୍ତି । ତେବେ ହାତଗୁଞ୍ଜା କାରବାର ପାଇଁ ପ୍ରତି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ର୍ୟାକେଟ କାମ କରୁଛି । ଏଭଳି ସ୍ଥଳେ ବାରମ୍ଵାର ଯାଞ୍ଚକୁ ନେଇ ଭଲ ଶିକ୍ଷକମାନେ ପ୍ରତିବାଦ କରୁଥିଲେ ମଧ୍ୟ ସୁଫଳ ମିଳୁନି । ଅନ୍ୟ ଜଣେ ଶିକ୍ଷକ ନେତା କହିଛନ୍ତି, ଯେଉଁମାନେ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ପ୍ରମାଣପତ୍ର ଠିକ୍ ନାଁ ନକଲି ତାହାର ପ୍ରମାଣପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଗାଯାଉ । ପ୍ରତିବର୍ଷ ପ୍ରମାଣପତ୍ର ମାଗି ଶିକ୍ଷକଙ୍କୁ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ କରା ନ ଯାଉ । ନକଲି ଶିକ୍ଷକ କେଉଁମାନେ ସେନେଇ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତଦନ୍ତ କରାଗଲେ ଅନେକ ଶିକ୍ଷକ ଫସିବେ ବୋଲି ସେ କହିଛନ୍ତି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ଆମ ଜିଲାରେ ନକଲି ଶିକ୍ଷକ ଧରପଗଡ଼ କରାଯାଉଛି । ଯେଉଁମାନେ ଧରାପଡ଼ିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଉଛି । ନକଲି ଶିକ୍ଷକ ପ୍ରମାଣ ମିଳିଲା ପରେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛୁ । ହାତଗୁଞ୍ଜା କାରବାର ଅଭିଯୋଗର ସତ୍ୟତା ନାହିଁ ବୋଲି ସେ କହିଛନ୍ତି ।

# ଜଙ୍ଗଲ ଅଧିକାର ଉପରେ ତାଲିମ ଶିବିର



ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି।

ଗଣିଆ,୨୦।୫(ଡି.ଏନ୍.ଏ.)

ଗ୍ରାମୀଣ ଶ୍ରମଜିବୀ ଚେତନା ସଙ୍ଗଠନ, ଛାମୁଣ୍ଡିଆ ଓ ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ, ଝାରସୁଗୁଡା ତରଫରୁ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ଗୁପ୍ତେଶ୍ୱର ମହାଦେବ କମ୍ୟୁନିଟି ହଲ ପରିସରରେ ଶନିବାର ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ସଭାପତି ଉଲ୍ଲାସ କୁମାର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ଗଣିଆ ଜନ ଅଧିକାର ବିକାଶ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମିଶ୍ର, ଛାମୁଣ୍ଡିଆ ପଚାଞ୍ଚାତ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାମଲ, ସମିତି ସଭ୍ୟଙ୍କ ପ୍ରତିନିଧି ନୀରଦ ଦଳେଇ ଯୋଗଦେଇଥିଲେ । ଦଶପଲ୍ଲା ସଞ୍ଚାର ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ ଜଙ୍ଗଲ ଅଧିକାର ମାନ୍ୟତା ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଆଇନ ଦୀର୍ଘ ୧୭ ବର୍ଷ ଧରି ବଳବତ୍ତର ରହିଥିଲେ ହେଁ ଗଣିଆ ବ୍ଲକରେ ଏବେ ବି ଅନେକ ଗାଁ ଗୋଷ୍ଠୀ ସମ୍ବଳ ଅଧିକାର ଦାବି କରିପାରିନାହାନ୍ତି । ଛାମୁଣ୍ଡିଆ ଗ୍ରାମପଞ୍ଚାୟତରେ ୧୫ଟି ଗ୍ରାମରେ ଦାବି ଦାଖଲ ହୋଇଥିବା ବେଳେ ଅବଶିଷ୍ଟ ୮ଟି ଗ୍ରାମରେ ଏବେ ସୁଦ୍ଧା ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ । ତେବେ ଗୋଷ୍ଠୀ ସମ୍ବଳ ଅଧିକାର ଯଥାଶିଘ୍ର ଦାବି କରିବା ପାଇଁ ମଞ୍ଚାସୀନ ଅତିଥିମାନେ କହିଥିଲେ । ଅନ୍ୟପରି ଜୈବିକ ଚାଷ ଓ ଆମ୍ବଚାଷ ସମ୍ପର୍କରେ ଅନ୍ତର୍ଯ୍ୟାମୀ ମିଶ୍ର ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ତାଲିମ ଶିବିରରେ ଛାମୁଣ୍ଡିଆ ଓ ରାସଙ୍ଗ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଜଙ୍ଗଲ ଅଧିକାର କମିଟି, ଗାଁ ମୁଖିଆ ଓ ୱାର୍ଡସଭ୍ୟ ଯୋଗଦେଇଥିବା ବେଳେ ସଙ୍ଗଠନର ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ଶିବିର ପରିଚାଳନା କରିଥିଲେ ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ନାବାଳିକା ବଳାତ୍କାର ଘଟଣା

ନୟାଗଡ଼ ଅଫିସ,୨୦।୫

ନୟାଗଡ଼ ପୋକ୍‌ସୋ କୋର୍ଟରେ ଇଟାମାଟି ଥାନା ଅଞ୍ଚଳର ଏକ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ପୋକ୍‌ସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ୧୮ଜଣ ସାକ୍ଷୀ, ସରକାରୀ ଓ ଅଭିଯୁକ୍ତ ଓକିଲଙ୍କ ଜବାବସୁଆଲ ଓ ପ୍ରମାଣପତ୍ରକୁ ବିଚାରକୁ ନେଇ ଅଭିଯୁକ୍ତ ଗମ୍ଭାରିଡିହିର ଚନ୍ଦନ ମଲିକଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୩୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦୟେ ୧୮ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଅକ୍ଟୋବର ୧୨ରେ ଗମ୍ଭାରିଡିହି ଗାଁର ଚନ୍ଦନ ମଲିକ(୨୩) ଜଣେ ୧୫ ବର୍ଷର ନାବାଳିକାଙ୍କୁ ଅପହରଣ କରି ନେଇ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ପ୍ରତାରଣା କରିଥିଲେ । ଏନେଇ ଅଭିଯୋଗ ପରେ ଇଟାମାଟି ଥାନା ପୋଲିସ ଏକ ମାମଲା(ନଂ.୧୪୫/୨୦) ମାମଲା ରୁଜୁ କରିଥିଲା । ଏହାପରେ ଚନ୍ଦନଙ୍କୁ ଗିରଫ କରିବା ସହ ନାବଳିକାଙ୍କୁ ଉଦ୍ଧାର କରିଥିଲା । ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାରୁ ସେହିଦିନଠାରୁ ଜେଲରେ ଅଛନ୍ତି। ଶନିବାର ଶୁଣାଣୀରେ ୩୬୩ ଦଫାରେ ୩ ବର୍ଷ ଜେଲଦଣ୍ଡ ସହ ୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦୟେ ୭ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ସେହିପରି ୩୬୬ ଦଫାରେ ୫ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଜରିମାନା ହୋଇଛି । ଜରିମାନା ଅନାଦୟେ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ୬ ପୋକ୍‌ସୋ ଦଫାରେ ୨୦ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୭ମାସ ଜେଲଦଣ୍ଡ ଭୋଗିବାକୁ ପଡିବ । ତେବେ ଦଣ୍ଡ ଗୁଡିକ ଏକକାଳୀନ ୨୦ ବର୍ଷ ଜେଲଦଣ୍ଡ ସହ ୩୦ ହଜାର ଜରିମାନା ହୋଇଛି । ଜରିମାନା ଅନାଦୟେ ୧୮ ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ଅପରପକ୍ଷେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ରହିଛି । ଏହି ମାମଲାକୁ ସରକାରୀ ଓକିଲ ଦାଶରଥୀ ସାହୁ ପରିଚାଳନା କରିଥିଲେ।

# ଜାତୀୟ ମାନବାଧିକାର କମିଶନରେ ମାମଲା

ନାବାଳିକା ଛାତ୍ରୀ ଅପହରଣ ଘଟଣା

ନୟାଗଡ଼ ଅଫିସ/ ଭାପୁର,୨୦।୫(ଡି.ଏନ୍.ଏ.)

ଟିଉଶନରୁ ଘରକୁ ଫେରୁଥିବାବେଳେ ଫତେଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ ଘଟଣାକୁ ୮ ଦିନ ବିତି ଯାଇଛି । ଘଟଣା ସମ୍ପର୍କରେ ଫତେଗଡ଼ ଥାନା ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାବେଳେ ଏନେଇ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ମାମଲା ହୋଇଛି। ଢେଙ୍କାନାଳର ମାନବିକ ଅଧିକାର କର୍ମୀ ଭଜମନ ବିଶ୍ୱାଳ ଘଟଣା ସମ୍ପର୍କରେ ଜାତୀୟ ମାନବିକ ଅଧିକାର କମିଶନରଙ୍କୁ ଅବଗତ କରାଇଛନ୍ତି । ଏହା ପରେ ୮୨୬୯/ଇନ/୨୦୨୩ରେ ଡାଏରୀ କରାଯାଇ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ଗତ ୧୨ ତାରିଖରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଟିଉଶନ ଶେଷ କରି ବାହାଡା ଛକରୁ ଘରକୁ ଫେରୁଥିଲେ । ସେହି ସମୟରେ ଫତେଗଡ଼ର କାହ୍ନା ମାଣ୍ଡୋଇ ନାମକ ଜଣେ ଯୁବକ ନିଜର କେତେଜଣ ସହଯୋଗୀଙ୍କ ଦ୍ୱାରା ଛାତ୍ରୀଙ୍କୁ ପୂର୍ବ ଯୋଜନା ମୁତବାକ ଅପହରଣ କରି ନେଇଥିଲେ । ଛାତ୍ରୀ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଅଭିଯୋଗ କରିଥିଲେ । ପରେ ଅପହରଣ ବିଷୟ ଜଣାପଡିଥିଲା । ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରାଗଲା । ହେଲେ ପୋଲିସ ଘଟଣାକୁ ଅଣଦେଖା କରି ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ନେଉ ନ ଥିବାରୁ ପୀଡ଼ିତାଙ୍କ ପରିବାର ଲୋକ ଏସ୍‌ପିଙ୍କୁ ଭେଟିଥିଲେ ।

# ମହୁମାଛିଙ୍କ ଯତ୍ନ ପାଇଁ ପରିବେଶ ସୁରକ୍ଷା ଜରୁରୀ

ବିଶ୍ୱ ମହୁମାଛି ଦିବସ ପାଳିତ

ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)

ଶନିବାର ବିଶ୍ୱ ମହୁମାଛି ଦିବସ ଅବସରରେ କଣ୍ଟିଲୋ ନିକଟସ୍ଥ ମାଣଗୌଣୀ ମାଳବନ୍ଧଠାରେ ଏକ ସଚେତନତା ଶିବିର ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କାଳିଆପଲ୍ଲୀ ଅଞ୍ଚଳର ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଯୁବକମାନେ ଯୋଗଦେଇଥିଲେ । ପରିବେଶ ସୁରକ୍ଷିତ ରହିଲେ ମହୁମାଛିମାନଙ୍କ ଯତ୍ନ ନେଇ ହେବ ବୋଲି ଗଛସାର ଅବଗତ କରାଇଥିଲେ । ଗୋଟିଏ ଫୁଲରୁ ଅନ୍ୟ ଫୁଲକୁ ଉଡି ବୁଲୁଥିବା ପ୍ରଜାପତି, ଭମ୍ରର ବିଶେଷ କରି ମହୁମାଛି ମଧୁ ସଂଗ୍ରହ କରନ୍ତି । ହେଲେ ମହୁମାଛିଙ୍କ ପ୍ରତି ଆମେ ଅନେକ ସମୟରେ ନିଷ୍ଠୁର ଭାବ ପ୍ରଦର୍ଶନ କରିଥାଉ । ସେ ନିରୀହ ପକ୍ଷୀଙ୍କ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବା ସହ ମହୁମାଛିଙ୍କ ଅବଶ୍ୟକତା ପୂରଣ କରୁଥିବା ପଳାସ, ଶିମିଳି ଓ ମଞ୍ଜରୀ ଚାରା ରୋପଣକୁ ସେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ସାହୁ ପରିବେଶ ସୁରକ୍ଷା ସହିତ ଜୀବଜନ୍ତୁମାନଙ୍କ ବଂଶବୃଦ୍ଧି ଓ ପୋଷ୍ଟର ପ୍ରଦର୍ଶନ କରି ଦିଗରେ ବିଭିନ୍ନ ଫଟୋଚିତ୍ର ସଚେତନତା ସୃଷ୍ଟି କରିଥିଲେ ।



ସଚେତନତା ସୃଷ୍ଟି କରୁଛନ୍ତି ଗଛ ସାର୍।

## ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଜବତ

**ନୟାଗଡ଼ ଅଫିସ,୨୦।୫:** ନୟାଗଡ଼ ଜିଲା ଇଟାମାଟ ଡେଙ୍ଗେରାଗୋଡିସ୍ଥିତ ଖୋର୍ଦ୍ଧା ବଲାଙ୍ଗୀର ରେଳ ଲାଇନରୁ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ଜବତ କରିଛି । ଯୁବତୀ ଜଣକ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି' ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଯୁବତୀଙ୍କ ମୁହଁଟି ନଷ୍ଟ ହୋଇଯାଇଥିବାରୁ ପ୍ରଥମେ ତାଙ୍କ ପରିଚୟ ଜଣାପଡି ନ ଥିଲା । ପରବର୍ତ୍ତୀ ସମୟରେ ଯୁବତୀଙ୍କ ପରିଚୟ ଜଣାପଡିଥିଲା । ମୃତକ ହେଲେ ପୂଜାରାଣୀ ପରିଡା(୨୧) । ଘର ଇଟାମାଟି ଥାନାର ନାଟୁଗାଁରେ । ଖବର ପାଇ ଖୋର୍ଦ୍ଧା ଜିଲା ଜଟଣୀ ଜିଆରପି ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

# କାର୍ଯ୍ୟକ୍ଷମ ହେଲା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ ଗୁରୁବାର କାର୍ଯ୍ୟକ୍ଷମ ହୋଇଛି । ଏହାକୁ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଗତ ୬ମାସ ପୂର୍ବରୁ ଖଣ୍ଡପଡ଼ା ସହରବାସୀଙ୍କୁ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ପୃଥକ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ୍ ଓ ଥାନା ସମ୍ମୁଖ ସମେତ ତହସିଲ କାର୍ଯ୍ୟାଳୟ ପରିସରରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ମାତ୍ର ସେହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଏପ୍ରିଲ ୨୫ ଧରିତ୍ରୀରେ '୬ମାସ ବିତିଲା କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ପ୍ରକଳ୍ପ' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା । ଏହାପରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଓ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ ସମ୍ମୁଖରେ ଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ତେବେ ଖଣ୍ଡପଡ଼ା ଥାନା ସମ୍ମୁଖରେ ଓ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁରୂପ ଭାବେ ନିର୍ମାଣଧୀନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



କାର୍ଯ୍ୟକ୍ଷମ ହୋଇ ନ ଥିବା ଏକ ପାନୀୟ ଜଳ ପ୍ରକଳ୍ପ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଲୋକ


@ ଦିଗ୍‌ବିଜୟ


@ ଜ୍ୟୋତିପ୍ରକାଶ


@ ପ୍ରସନ


@ ଶୁଭ୍ରାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତା ଅତିଷ୍ଠ

ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)

ଗତ କିଛି ଦିନ ହେବ କ୍ରମାଗତ ଭାବେ ଖଣ୍ଡପଡ଼ା ଅଞ୍ଚଳରେ ଯେପରି ଭାବେ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି ଏଥିପାଇଁ ଉପଭୋକ୍ତାଙ୍କ ସମେତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଝାଞ୍ଜି ଅନୁଭୂତ ହେଉଥିବା ବେଳେ ଘୋଷିତ ଏବଂ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍‌ଟେଜ ସମସ୍ୟା ଚିନ୍ତାର କାରଣ ହୋଇଛି । ଏଥିଲାଗି ଉପଭୋକ୍ତାମାନେ ଦହଗଞ୍ଜ ହେଉଛନ୍ତି । ଏହି ସମୟରେ ଛାତ୍ରୀଛାତ୍ରମାନେ ପାଠ ପଢିବାରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି । ଅପରପକ୍ଷେ ଲୋଭୋଲଟେଜ ଯୋଗୁ କଣ୍ଟିଲୋ ଅଞ୍ଚଳରେ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । ଏ ଦିଗରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

